୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27 . No.17 Bhubaneswar Friday Feburary 21 2025 | ୨୭ତମ ବର୍ଷ ସଂଖ୍ୟା-୧୭ ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୧, ୨୦୨୫ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ବଜେଟରେ ବିଜେପି ଦେଖାଉଛି ରଙ୍ଗିଲା ସ୍ୱପ୍ନ, ବିଧାନସଭାରେ ବର୍ଷିଲେ ବିଜେଡି ଓ କଂଗ୍ରେସ



ଭୁବନେଶ୍ୱର,୨୦।୨(ପି.ଏନ): ବଜେଟ ପରେ ବଜେଟ ଆଣୁଛନ୍ତି ରାଜ୍ୟ ସରକାର । ବଡ ବଜେଟ ଆଣି ବାହା ବାହା ନେବାକୁ କରୁଛନ୍ତି ପ୍ରୟାସ । ରାଜ୍ୟ ସରକାର ୨ ଲକ୍ଷ ୯୦ ହଜାର କୋଟିର ବଜେଟ ଆଣିଛନ୍ତି । କିନ୍ତୁ ପୂର୍ବ ବଜେଟର ମାତ୍ର ୫୧ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛନ୍ତି । ବହୁ ବିଭାଗରେ ବଜେଟ ଅର୍ଥ ଖର୍ଚ୍ଚ ଅତି ନଗନ୍ୟ । ୯ ମାସ ହେବ ବଜେଟ ଅର୍ଥ ଗ୍ରାଉଣ୍ଡରେ ଟଙ୍କାଟିଏ ବି ଖର୍ଚ୍ଚ ହୋଇପାରୁନାହିଁ । ମୋହନ ସରକାର ପ୍ରଥମ ବଜେଟରେ ୪୩ ହଜାର କୋଟି ଋଣ ଓ ଦ୍ୱିତୀୟ ବଜେଟରେ ୪୭ ହଜାର କୋଟି ଋଣ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଡବଲ ଇଞ୍ଜିନ ସରକାର ଡବଲ ଅର୍ଥ ପାଇବା ବଦଳରେ ଓଡିଶାକୁ ମିଳୁଛି କେବଳ ଇଭେଣ୍ଟ ମ୍ୟାନେଜମେଣ୍ଟ ।କେତେବେଳେ ଡିଜି ସମ୍ମିଳନୀ ତ କେତେବେଳେ ପ୍ରବାସୀ ଭାରତୀୟ ସମ୍ମିଳନୀ । ଆନ୍ଧ୍ର ଓ ବିହାରକୁ କେନ୍ଦ୍ର ବଜେଟରେ ସ୍ୱତନ୍ତ୍ର ଅନୁଦାନ ମିଳୁଥିବା ବେଳେ ଓଡିଶାକୁ ଅଣଦେଖା କରାଯାଉଛି । ଏପରି ଲମ୍ବା ଅଭିଯୋଗ ଆଣି ବଜେଟ ଆଲୋଚ଼ନାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବରିଷ୍ଠ ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ । ଅମୃତ କାଳରେ ଓଡିଶା କଣ ପାଇଲା, ତାହା ଏବେ ଗୀତ ହୋଇ ବାଜିଲାଣି । ଅନ୍ୟପଟେ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ବଜେଟରେ ବିଜେପି ରଙ୍ଗିଲା ସ୍ୱପ୍ନ ଦେଖାଉଛି । ବିଜେପି ବଜେଟ ଅର୍ଥ ଖର୍ଚ୍ଚ କରିପାରୁନି କି ଖର୍ଚ୍ଚ କରିବାର କୌଶଳ ବି ଶିଖୁନି । ପୂର୍ବ ସରକାର ଏକ ଅଭିଜ୍ଞ ସରକାର ଥିଲା । ବଜେଟରେ ଯାହା ଅର୍ଥ ରଖୁଥିଲେ ତାହାକୁ ଖର୍ଚ୍ଚ କରାଯାଉଥିଲା । କିନ୍ତୁ ଏ ସରକାର କାହା କଥା ଶୁଣୁନଥିବା ଅଭିଯୋଗ କରିଛି ବିଜେଡି । ସେପଟେ କଂଗ୍ରେସ କହିଛି, ମୋହନ ସରକାର ନିରାଶର ବଜେଟ ଆଣିଛନ୍ତି । ସୁଭଦ୍ରା ଟଙ୍କା ଦେଉଛନ୍ତି, କିନ୍ତୁ ମା'ମାନଙ୍କ କଥା ଶୁଣୁନାହାନ୍ତି । ଜୀବନ ଜୀବିକା ପାଇଁ ରାଜରାସ୍ତାରେ ଲଢେଇ କରୁଛନ୍ତି ମହିଳା । ବଜେଟରେ ନିଯୁକ୍ତି ଠାରୁ ଆରମ୍ଭ କରି ଲୋକଙ୍କ ସ୍ୱାର୍ଥ ଉପରେ କୌଣସି ଦୃଷ୍ଟି ଦିଆଯାଇନାହିଁ । ବଜେଟ ଆଲୋଚ଼ନାରେ ବିଜେଡି ଓ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିବା ପରେ ବିଜେପି କହିଛି ଆମେ ବିକାଶର ବଜେଟ ଆଣିଛୁ ।

## ଶିକ୍ଷକଙ୍କୁ ମିଳୁନି ଦରମା, ଛୁଟି ନେଇ ଲାଗୁଛନ୍ତି ମୂଲ

ବଲାଙ୍ଗୀର,୨୦।୨(ପି.ଏନ):ଶିକ୍ଷକଙ୍କୁ ମିଳୁନି ଦରମା । ଛୁଟି ନେଇ ମୂଲ ଲାଗୁଛନ୍ତି ଶିକ୍ଷକ । ନୂଆ ସରକାର ଆସିବା ପରେ ଠିକ୍ ସମୟରେ ଦରମା ପାଇବାରୁ ବଞ୍ଚିତ ହେଉଛନ୍ତି ଶିକ୍ଷକ । ୩ ମାସ ହେଲା ଦରମା ମିଳିନି ବୋଲି ଛୁଟି ନେଇ ଶ୍ରମିକ ସାଜିଛନ୍ତି ଜଣେ ଶିକ୍ଷକ । ହାତରେ ଚ଼କଖଡି ବଦଳରେ ବିଲରେ କୋଦାଳ ଧରି ଦିନ ମଜୁରିଆ ଭାବେ କାମ କରୁଛନ୍ତି ବଲାଙ୍ଗୀର ପୁଇଁତଳା ବାନ୍ଧନବାହାଲ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଭୁଦତ୍ତ ସାହୁ । ଗାଁର ଲକ୍ଷ୍ମୀକାନ୍ତ ପ୍ରଧାନଙ୍କ ବିଲରେ ମୂଲ ଲାଗିଛନ୍ତି । ତାଙ୍କୁ ୩ଶହ ଟଙ୍କା ମଜୁରି ମଧ୍ୟ ମିଳିଛି । ବଲାଙ୍ଗୀର ବାନ୍ଧନବାହାଲ ପ୍ରାଥମିକ ସ୍କୁଲର ସହକାରୀ ଶିକ୍ଷକ ପ୍ରଭୁଦତ୍ତ ସାହୁ ଏବେ ଦିନ ମଜୁରିଆ ପଲଟିଛନ୍ତି । ଜନ୍ମରୁ ସେ ଶାରୀରିକ ଅକ୍ଷମ ମଧ୍ୟ ।ଗତକାଲି ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଦିନ ମଜୁରିଆ କାମ କରିବାକୁ ଛୁଟି ମାଗିଥିଲେ । ଆଜି ଛୁଟି ନେଇ ଶ୍ରମିକ ସାଜିଛନ୍ତି । ମାଲିକ ପାଖରେ କାମ କରୁଛନ୍ତି । ତିନି ମାସ ହେଲା ଦରମା ବନ୍ଦ ଥିବାରୁ ପରିବାର ପ୍ରତିପୋଷଣ କରିବା ପାଇଁ ଶେଷରେ ଶିକ୍ଷକତାରୁ ଛୁଟି ନେଇ ମୂଲ ଲାଗୁଛନ୍ତି ଶିକ୍ଷକ । ଆଜି ସକାଳ ୯ଟାରୁ ଗାଁର ଚ଼ାଷୀ ଲକ୍ଷ୍ମୀକାନ୍ତ ପ୍ରଧାନଙ୍କ ବିଲରେ କାମ କରି ୩ଶହ ଟଙ୍କା ରୋଜଗାର କରିଛନ୍ତି । ଯେତେଦିନ ପର୍ଯ୍ୟନ୍ତ ଦରମା ନମିଳିବ ସେ ଛୁଟି ନେଇ ମୂଲ ଲାଗିବେ ବୋଲି କହିଛନ୍ତି ।ବିଇଓଙ୍କ ମନମୁଖୀ କାର୍ଯ୍ୟପାଇଁ ତିନି ମାସ ହେଲା ଦରମା ବନ୍ଦ ହୋଇଥିବା ଅଭିଯୋଗ କରିଛନ୍ତି ।

## ଦିନେ ବିଧାନସଭାରୁ ବାହର କରିଦିଆଯାଇଥିଲା, ଏବେ ହେଲେ ବାଚ଼ସ୍ପତି





ଭୁବନେଶ୍ୱର,୨୦।୨(ପି.ଏନ): ୧୦ ବର୍ଷ ତଳର କଥା । ଦିନେ ବାଚ଼ସ୍ପତିଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଗୃହକୁ ବାହାର କରି ଦିଆଯାଇଥିଲା । ବିଧାନସଭାର ସୁରକ୍ଷାକର୍ମୀ ତାଙ୍କୁ ଗୃହରୁ ଏକ ପ୍ରକାରର ଟେକି ନେଇ ବାହାରେ ଛାଡି ଦେଇଥିଲେ । ଗୃହରୁ ତାଙ୍କୁ ଟେକି ନେଇ ଯିବାର ଭିଡିଓ ସେତେବେଳେ ବେଶ ଭାଇରାଲ ହୋଇଥିଲା । କିନ୍ତୁ ସମୟ ବଦଳିବା ସହ ସ୍ଥିତି ବି ବଦଳିଛି । ଯେଉଁ ବିଧାୟକଙ୍କୁ ଦିନେ ବିଧାନସଭାରୁ ଏକପ୍ରକାରର ଫିଙ୍ଗି ଦିଆଯାଇଥିଲା, ଏବେ ସେ ଗୃହକୁ ଚ଼ଳାଇବେ । ତାଙ୍କ ନିର୍ଦ୍ଦେଶରେ ବିଧାନସଭା ଚ଼ାଲିବ । କାରଣ ୨୭ ବର୍ଷ ପରେ ବିଜେପି ଦିଲ୍ଲୀରେ କ୍ଷମତା ଦଖଲ କରିବା ସହ ଭେଟେରାନ ନେତା ବିଜେନ୍ଦର ଗୁପ୍ତା ବାଚ଼ସ୍ପତି ହୋଇଛନ୍ତି । ଏହାର ଅର୍ଥ ଯେଉଁ ବିଧାନସଭାରୁ ଦିନେ ତାଙ୍କୁ ବାହାର କରାଯାଇଥିଲା ଏବେ ସେହି ଗୃହର ମୁଖିଆ ସେ ନିଜେ ହୋଇଛନ୍ତି । ୨୦୧୫ ଓ ୨୦୨୦ରେ ଦିଲ୍ଲୀରେ ଆପ୍‌ର ଝଡ ଦେଖିବାକୁ ମିଳିଥିଲା । ତଥାପି ବିଜେନ୍ଦର ଗୁପ୍ତା ରୋହିନୀ ବିଧାନସଭା ଆସନରୁ ଜିତିଥିଲେ । ୨୦୨୫ରେ ମଧ୍ୟ ସେ ବିଜେପି ଟିକେଟରୁ ଉକ୍ତ ଆସନରେ ଜିତିଛନ୍ତି । ବିଜେନ୍ଦର ଜିତିଥିବା ବେଳେ ବିଜେପି ମଧ୍ୟ ତାଙ୍କୁ ବାଚ଼ସ୍ପତି କରିଛି । ବାନିୟା ସଂପ୍ରଦାୟରୁ ଆସିଥିବା ଗୁପ୍ତା ଏଥର ଆପ୍‌ର ପ୍ରଦୀପ ମିତ୍ତଲଙ୍କୁ ୩୭ ହଜାରରୁ ଅଧିକ ଭୋଟରେ ହରାଇଛନ୍ତି । ଦିଲ୍ଲୀ ବିଧାନସଭାରେ ଶ୍ରୀ ଗୁପ୍ତା ବିରୋଧୀ ଦଳର ନେତା ଭାବେ କାମ କରିଥିଲେ । ସେହିପରି ତାଙ୍କୁ ବିଜେପି ଏକଦା ଦିଲ୍ଲୀର ସଭାପତି କରିଥିଲା ।

## ହୀରାକୁଦ ଜଳଭଣ୍ଡାରରେ ଫାଟକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର, ଜାଣନ୍ତୁ କ'ଣ କହିଲେ



ଭୁବନେଶ୍ୱର,୨୦।୨(ପି.ଏନ): ହୀରାକୁଦ ଜଳଭଣ୍ଡାରରେ ଫାଟ ପ୍ରସଙ୍ଗକୁ ନେଇ ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ନିଜର ଉତ୍ତର ରଖିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କହିବା ମୁତାବକ, 'ହୀରାକୁଦରେ ଅଳ୍ପ କିଛି ଫାଟ ନଜରକୁ ଆସିଛି । କଂକ୍ରିଟର ଉପରି ଭାଗରେ କ୍ରାକ୍ ଥିବା ଜଣାପଡିଛି । ଏନେଇ ସ୍ଥିତି ଅନୁଧ୍ୟାନ କରି ସିଏସଏମଆରଏସ ସଂସ୍ଥା ରିପୋର୍ଟ ଦେଇଛି । ଫାଟ ମରାମତି ପାଇଁ ଡିଆରଆଇ-ଆଇଆଇଆଇ ଅଧିନରେ ସର୍ଭେ କରାଯିବ । ଏନେଇ କ୍ୟାବିନେଟ୍ ସ୍ୱୀକୃତି ମଧ୍ୟ ମିଳିଛି ।'ଅନ୍ୟପଟେ ନୂଆ ଜିଲ୍ଲା ଗଠନ ନେଇ ସରକାର ସଂକେତ ଦେଇଛନ୍ତି । ବିଧାନସଭାରେ ଏନେଇ ଲିଖିତ ଉତ୍ତର ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ନୂଆ ଜିଲ୍ଲା ଓ ନୂଆ ସବଡିଭିଜନ ଗଠନ ଦାବି ହୋଇ ଆସୁଛି । ଦାବିଗୁଡିକ ରାଜସ୍ୱ ବିଭାଗର ହସ୍ତଗତ ହୋଇଛି ।

# ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀର ହେବ ମରାମତି, ୪୮ ଲକ୍ଷ ଖର୍ଚ୍ଚ କରିବେ ସରକାର



ଭୁବନେଶ୍ୱର,୨୦।୨(ପି.ଏନ): ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀର ମରାମତି ହେବ । ଚ଼ଳିତ ବର୍ଷ ୮୧୨ଟି ଆଶ୍ରୟସ୍ଥଳୀର ହେବ ମରାମତି । ଏ ନେଇ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି କହିଲେ ବିପର୍ଯ୍ୟୟ ପରିଚ଼ାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ।ସେ କହିଛନ୍ତି ଯେ, ପ୍ରତି ଆଶ୍ରୟସ୍ଥଳୀ ମରାମତି ପାଇଁ ୬ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି । ଏତିପାଇଁ ୪୮ କୋଟି ୭୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ ସରକାର । ଅନେକ ବାତ୍ୟା ଆଶ୍ରୟସ୍ଥଳୀର କାମ ମଧ୍ୟ ଆରମ୍ଭ ହୋଇଯାଇଛି । ରାଜ୍ୟରେ ୯୦୯ଟି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ରହିଛି ।ସେ ଆହୁରି କହିଛନ୍ତି ଯେ, ୬୦୦ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ୩୦୯ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ରହିଛି ।

## ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା

ଭୁବନେଶ୍ୱର,୨୦।୨(ପି.ଏନ): ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା । ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କୁ ଚ଼ିଠି ଲେଖି କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରୀକାନ୍ତ । ଓଡ଼ିଶାରେ ଦାରିଦ୍ର୍ୟ ବଢୁଛି । ଦୁଇ ଲକ୍ଷ ୯୦ ହଜାର କୋଟିର ବଜେଟ୍ ବିଧାନସଭାରେ ଉପସ୍ଥାପନ କରି ମୋହନ ସରକାର ବାହାବା ନେଉଛି । ଓଡ଼ିଶା ସରକାର ଚ଼ଳିତ ବର୍ଷ ୩ ଲକ୍ଷ ୯୦ ହଜାର କୋଟି ବା ୪ଲକ୍ଷ କୋଟିର ବଜେଟ୍ ଆଣି ପାରିଥାଆନ୍ତେ । ଜୁଲାଇ ୨୪ରୁ ଖଣି ସେସ୍ ଓ ରୟାଲିଟି ସମ୍ପର୍କରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ କାର୍ଯ୍ୟକାରୀ କରାଯାଇଥିଲେ ସରକାରଙ୍କ ବଜେଟ୍ ୪ଲକ୍ଷ କୋଟିର ବଜେଟ୍ ହୋଇପାରିଥାନ୍ତା । କିନ୍ତୁ ଓଡ଼ିଶା ସରକାର ଖଣି ବ୍ୟବସାୟୀମାନଙ୍କ ଠାରୁ ସେସ୍ ଓ ରୟାଲିଟି ନେଉନାହାଁନ୍ତି ।ଓଡ଼ିଶାରେ ଖଣି ସିଣ୍ଡିକେଟ ଚ଼ାଲିଛି । ଦୀର୍ଘ ବର୍ଷ ଧରି ପଶ୍ଚିମ ବଙ୍ଗର କୋଇଲା ଖଣିରୁ ସେସ୍ ଓ ରୟାଲିଟି ବହୁତ ଅଧିକ ଆଦାୟ କରୁଛି । ଓଡ଼ିଶାର ଖଣିରୁ ବାହାରୁ ଥିବା କଞ୍ଚାମାଲକୁ ବଜାରରେ ନ ବିକ୍ରି କରି ଶାଗମାଛ ଦରରେ ଖଣିଜ ପଦାର୍ଥକୁ ବିକ୍ରି କରୁଛନ୍ତି । ତେଣୁ ଓଡ଼ିଶା ୨ ହଜାର କୋଟି ଟଙ୍କା ବର୍ଷକୁ ସରକାର କ୍ଷତି ସହୁଛି । ଖଣି ବ୍ୟବସାୟୀମାନଙ୍କର ବକେୟା ଟଙ୍କା ପ୍ରାୟ ଏକ ଲକ୍ଷ କୋଟିରୁ ଅଧିକ ଟଙ୍କା ସରକାରଙ୍କୁ ସେମାନେ ଦେଉନାହାଁନ୍ତି । ଏସମ୍ପର୍କରେ ବିଧାନସଭାରେ ସରକାର ଆଲୋଚ଼ନା କରନ୍ତୁ । ଦାଦନରେ ଓଡ଼ିଶା ଆଜି ଏକ ନମ୍ବର । ଓଡ଼ିଶାର ଖଣି ସିଣ୍ଡିକେଟ ଚ଼ାଲିଛି । ମାଗଣା ୩୦୦ ୟୁନିଟ ବିଜୁଳି, ୩ ହଜାର ଟଙ୍କା ବେକାରୀ ଭତ୍ତା ଆଦି ଦିଆଯାଇପାରିବ । ହେଲେ ସରକାର ନୀରବ ରହିଛନ୍ତି ବୋଲି କହିଛନ୍ତି ଶ୍ରୀକାନ୍ତ ।

## ରେଖା ଗୁପ୍ତାଙ୍କ ସହ ଶପଥ ନେଇଥିବା ଦିଲ୍ଲୀର ୬ କ୍ୟାବିନେଟ ମନ୍ତ୍ରୀ କିଏ ?



ଭୁବନେଶ୍ୱର,୨୦।୨(ପି.ଏନ):ଶାଲିମାର ବାଗର ବିଜେପି ବିଧାୟକ ରେଖା ଗୁପ୍ତା ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ତାଙ୍କ ଶପଥ ପାଠ ସହ ଦିଲ୍ଲୀରେ ବିଜେପି ରାଜ ଆରମ୍ଭ ହୋଇଛି । ଦୀର୍ଘ ୨୭ ବର୍ଷ ପରେ ବିଜେପି ଦିଲ୍ଲୀରେ ଶାସନ ଆରମ୍ଭ କରିଛି । ରେଖାଙ୍କ ବ୍ୟତୀତ କ୍ୟାବିନେଟ ମନ୍ତ୍ରୀ ଭାବେ ନିଯୁକ୍ତି ପାଇଥିବା ବିଜେପିର ଆଉ ୬ ଜଣ ବିଧାୟକ ମଧ୍ୟ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି ।ରାମଲୀଲା ମୈଦାନରେ ହୋଇଥିବା ଶପଥ ପାଠ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ଦିଲ୍ଲୀ ନିର୍ବାଚ଼ନ ପ୍ରଭାରୀ ବୈଜୟନ୍ତ ପଣ୍ଡା ଓ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ନେତାମାନେ ମଧ୍ୟ ଉପସ୍ଥିତ ରହିଥିଲେ ।

## ନୋଟିସ ନ ଦେଇ କାଟିଦେଲେ ଲାଇନ୍: ଟାଟା ପାୱାରକୁ ଟ୍ୟୁସନ କଲେ ପୂର୍ବତନ ମୁଖ୍ୟ ଶାସନ ସଚ଼ିବ




ଭୁବନେଶ୍ୱର,୨୦।୨(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ଗୁରୁବାର ସକାଳୁ ସକାଳୁ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ କାଟ ହୋଇଥିବା ଦେଖିବାକୁ ମିଳିଥିଲା । ବିନା କୌଣସି ସୂଚ଼ନା ଦେଇ ଭୋରୁ ଭୋରୁ ପ୍ରାୟ ପାଞ୍ଚ ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ ସରବରାହ ବନ୍ଦ ରହିବାରୁ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଯାହାଙ୍କ ନେଇ ଅଭିଯୋଗ କରିଛନ୍ତି ପୂର୍ବତନ ମୁଖ୍ୟ ଶାସନ ସଚ଼ିବ ପ୍ରଦୀପ ଜେନା ।ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସ'ରେ ଏକ ପୋଷ୍ଟ କରି ଶ୍ରୀ ଜେନା ଟାଟା ପାୱାରକୁ ପ୍ରଶ୍ନ କରିଥିଲେ, "ଭୁବନେଶ୍ୱର ୟୁନିଟ୍-୪ ମଧୁସୂଦନ ନଗର ଆମ ଅଞ୍ଚଳରେ ୫ ଘଣ୍ଟାରୁ ଅଧିକ ସମୟ ପାଇଁ ବିଦ୍ୟୁତ୍ ନାହିଁ । ଆପଣ ସୂର୍ଯ୍ୟୋଦୟ ପୂର୍ବରୁ ରାତିରୁ ରକ୍ଷଣାବେକ୍ଷଣ ଆରମ୍ଭ କରି ୪ ଗ୍ରୀଷ୍ମ ଋତୁର ପ୍ରସ୍ତୁତି କରୁଛନ୍ତି କି ? ତେବେ ବହୁତ ଭଲ କାମ । ବିନା ସୂଚ଼ନାରେ ଏତେ ଆଗୁଆ ପ୍ରସ୍ତୁତି ପାଇଁ ଧନ୍ୟବାଦ ।"

# ରହସ୍ୟ ଘେରରେ ପ୍ରଧାନଶିକ୍ଷୟିତ୍ରୀଙ୍କ ମୃତ୍ୟୁ ?





ଭୁବନେଶ୍ୱର,୨୦।୨(ପି.ଏନ): ଝିଅ ଖୋଜୁଥିଲା ମା'କୁ । ଶ୍ୱଶୁର ଖୋଜୁଥିଲେ ବୋହୂକୁ । ଡ୍ରାଇଭର ଖୋଜୁଥିଲେ ମାଡାମଙ୍କୁ । ଘରେ କାମ କରୁଥିବା ଦୁଇ ସହାୟକ ଖୋଜୁଥିଲେ ସେମାନଙ୍କ ମାଲିକାଣୀଙ୍କୁ । ସମସ୍ତେ ଖୋଜୁଥିଲେ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଦେହୁରୀଙ୍କୁ । କିନ୍ତୁ କେହି ପାଉ ନଥିଲେ । ପରେ ତାଙ୍କ ମୃତଦେହ ମିଳିଲା ଘର ବାହାରେ ଥିବା ଏକ ବନ୍ଦ ଘରୁ । ଘଟଣାଟି ଘଟିଛି ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ଗୁନେଇବିଲି ଗାଁରେ । ମୃତ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଦେହୁରୀ ତୁମୁସିଙ୍ଗା ଗ୍ରାମ ସ୍ଥିତ ପଞ୍ଚଶଖା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ । ପାରିପାର୍ଶ୍ୱିକ ସ୍ଥିତିରୁ ପ୍ରଭାତୀଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିବା ବେଳେ ପୁଲିସ କରୁଛି ଘଟଣାର ତଦନ୍ତ । ସବୁ ଦିନ ପରି ଆଜି ଭୋର ପ୍ରାୟ ୫ଟାରେ ଉଠି ଚ଼ାଲିବାକୁ ଯାଇଥିଲେ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଦେହୁରୀଙ୍କ ଶ୍ୱଶୁର ଧେଡିଆ ପ୍ରଧାନ । ହେଲେ ଘରର ମୁଖ୍ୟ ଦ୍ୱାର ଖୋଲା ଥିବାରୁ ତାଙ୍କର ଟିକେ ସନ୍ଦେହ ହୋଇଥିଲା । ତେବେ ବୋହୂ ପ୍ରଧାନଶିକ୍ଷୟିତ୍ରୀ ହୋଇଥିବାରୁ ଓ ଆଗକୁ ମାଟ୍ରିକ୍ ପରୀକ୍ଷା ଆସୁଥିବାରୁ କୌଣସି କାମରେ ସେ ସ୍କୁଲ ଯାଇଥିବେ ଭାବି ଶ୍ୱଶୁର ଧେଡିଆ ପ୍ରଧାନ ମର୍ଣ୍ଣିଂ ୱାକ୍ ?ରେ ପଳାଇଥିଲେ । ଘରକୁ ଫେରିଲା ବେଳକୁ ଦେଖିଲେ ନାତୁଣୀ (ପ୍ରଭାତୀଙ୍କ ଝିଅ) ତା' ମା'ଙ୍କୁ ଖୋଜୁଛି । ନାତୁଣୀ ତାଙ୍କୁ ପଚ଼ାରିଲେ ମା' କୁଆଡ ? ଗଲେ । ଧେଡିଆ ପ୍ରଧାନ କହିଲେ ଯେ ସେ ଜାଣି ନାହାନ୍ତି । ଏହା ପରେ ନାତୁଣୀ ତାଙ୍କୁ କହିଥିଲେ ଯେ ସେ ନିଜ ମୋବାଇଲଟି ମଧ୍ୟ ପାଉ ନାହାନ୍ତି । ପ୍ରଭାତୀ କେଉଁଠାକୁ ଯାଇଥିବେ ଭାବି ସେମାନେ ଆଲୋଚ଼ନା କରୁଥିବା ବେଳେ ସକାଳ ପ୍ରାୟ ସାଢ଼େ ୮ଟା ବେଳେ ଘରେ ପହଞ୍ଚିଥିଲେ ପ୍ରଭାତୀଙ୍କ ଡ୍ରାଇଭର ସାଗର ଦାସ । ଗ୍ୟାରେଜ ଘର ଖୋଲା ଥିବା ଦେଖି ସେ ଗାଡି ଚ଼ାବି ଆଣିବାକୁ ଘର ଭିତରକୁ ଗଲା ପରେ ଜାଣିଲେ ପରିବାର ଲୋକେ ପ୍ରଭାତୀଙ୍କୁ ପାଉ ନାହାନ୍ତି । ସେମାନେ ଘରୁ ଗାଡି ଚ଼ାବି ମଧ୍ୟ ପାଇ ନଥିଲେ । ସାଗର ଗ୍ୟାରେଜରେ ଆସି ଗାଡିର ଚ଼ାବି ଖୋଜି ଥିଲେ । କିନ୍ତୁ ତାଙ୍କୁ ଚ଼ାବି ମିଳି ନଥିଲା । ତା'ପରେ ସେ ସହାୟକଙ୍କ ସହିତ ଏଣେ ତେଣେ ଚ଼ାବି ଖୋଜିବା ଆରମ୍ଭ କରି ଦେଇଥିଲେ । ଯେହେତୁ ସହାୟକ ଦ୍ୱୟ ଘରେ କାମ କରୁଥିଲେ, ତେଣୁ ସେମାନେ ସବୁ ରୁମ୍‌ରେ ଖୋଜାଖୋଜି କରିଥିଲେ । ଏହା ମଧ୍ୟରେ ସେମାନେ ଘର ବାହାରେ ଥିବା ଏକ କଠୋରୀର ତାଲା ଖୋଲିଥିଲେ । ଆଉ ସେଠାରେ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଦେହୁରୀ ମରି ପଡିଥିବା ଦେଖିବାକୁ ପାଇଥିଲେ । ଏହା ପରେ ପୁଲିସ ଓ ବନ୍ଧୁବାନ୍ଧବଙ୍କୁ ସୂଚ଼ନା ଦିଆଯାଇଥିଲା ।

## ଦିଲ୍ଲୀରେ ଆରମ୍ଭ ହେଲା ରେଖା ସରକାର, ମୁଖ୍ୟମନ୍ତ୍ରୀଙ୍କ ସମ୍ପତ୍ତି ଓ ରାଜନୀତିକ ଯାତ୍ରା ଉପରେ ନଜର ପକାନ୍ତୁ



ଭୁବନେଶ୍ୱର,୨୦।୨(ପି.ଏନ): ବିଜେପି ନେତ୍ରୀ ରେଖା ଗୁପ୍ତା ଆଜି ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଉପ ରାଜ୍ୟପାଳ ଭିକେ ସକ୍‌ସେନା ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ତାଙ୍କ ସହ ୬ ଜଣ ବିଜେପି ବିଧାୟକ କ୍ୟାବିନେଟ ସଦସ୍ୟ ଭାବେ ମଧ୍ୟ ଶପଥ ଗ୍ରହଣ କରିଛନ୍ତି । ରେଖା ପ୍ରଥମଥର ପାଇଁ ବିଧାୟକ ହୋଇଛନ୍ତି । ନିକଟରେ ଶେଷ ହୋଇଥିବା ଦିଲ୍ଲୀ ବିଧାନସଭା ନିର୍ବାଚ଼ନରେ ଶାଲିମାର ବାଗରୁ ରେଖା ୨୯ ହଜାରରୁ ଅଧିକ ଭୋଟରେ ବିଜୟୀ ହୋଇଥିଲେ । ବିଜେପି ୨୭ ବର୍ଷ ପରେ ଦିଲ୍ଲୀରେ କ୍ଷମତା ଦଖଲ କରିଥିବା ବେଳେ ଫଳାଫଳ ପ୍ରକାଶ ପାଇବାର ୧୧ ଦିନ ପରେ ରେଖା ଗୁପ୍ତା ଓ ତାଙ୍କ କ୍ୟାବିନେଟ ସହଯୋଗୀମାନେ ରାମଲୀଲା ମୈଦାନରେ ଶପଥ ନେଇଛନ୍ତି । ଶପଥ ପାଠ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ଦିଲ୍ଲୀ ବିଜୟର ବିନ୍ଧାଣୀ ବୈଜୟନ୍ତ ପଣ୍ଡାଙ୍କ ସମେତ ଏନଡିଏ ଶାସିତ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ । ରେଖା ପ୍ରଥମଥର ବିଧାୟକ ହୋଇଥିଲେ ହେଁ ବିଜେପି ଦିଲ୍ଲୀରେ ମହିଳା କାର୍ଡ ଖେଳି ତାଙ୍କୁ ମୁଖ୍ୟମନ୍ତ୍ରୀ କରିଛି । ସବୁଠାରୁ ଚ଼ର୍ଚ୍ଚାରେ ଥିବା ପରବେଶ ବର୍ମା ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ।



# ସମୁଦ୍ର ଜାହାଜରେ କ୍ରିକେଟ୍ ଖେଳ



ଆପଣ ଅନେକ କ୍ରିକେଟ୍ ମ୍ୟାଚ୍ ଦେଖିଥିବେ । ଗାଁ ଗହଳିରେ ହେଉଥିବା କ୍ରିକେଟ୍ ଟୁର୍ଣ୍ଣାମେଂଟରେ ନିଜେ ଖେଳିଥିବେ ମଧ୍ୟ। କିନ୍ତୁ ଆପଣ ଅନୁମାନ କରିପାରୁଛନ୍ତି କି ସମୁଦ୍ର ଉପରେ କ୍ରିକେଟ୍ ଖେଳିବାର ମଜା କେମିତି ହେବ ଏମିତି ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୋସିଆଲ ମିଡିଆରେ ଜଣେ ୟୁଜର ଏହି ଘଟଣାର ଏକ ଭିଡିଓ ସେୟାର କରିଛନ୍ତି। ଭିଡିଓରେ ଦେଖାଯାଉଛି କି ଏକ ବଡ ଜାହାଜରେ କିଛି ଲୋକ କ୍ରିକେଟ୍ ଖେଳୁଛନ୍ତି। ଏହି ଜାହାଜ ସମୁଦ୍ରରେ ଚାଲୁଥିବା ନଜର ଆସୁଛି। ତେବେ ଏହା ଖାଲି ଜାହାଜ ନୁହେଁ ବରଂ ଏକ ବିଳାସପୂର୍ଣ୍ଣ ସିପ୍। ଏଥିରେ କିଛି ଲୋକ କ୍ରିକେଟ୍ ଖେଳୁଥିବା ନଜର ଆସୁଛନ୍ତି। ଏହି ଖେଳ ସମୟରେ ସେମାନେ ବଲକୁ ଏମିତି ଏକ ମଜଭୁତ ସୂତା ସାହାଯ୍ୟରେ ବାନ୍ଧି ରଖିଛନ୍ତି ଯାହା ଫଳରେ ବଲଟି ପାଣିକୁ ଗଲେ ତାକୁ ପୁଣି ଆଣିହେବ। ସେହି ସୂତା ସହ ହିଁ ବୋଲର ବୋଲିଂ କରୁଛି ଏବଂ ବ୍ୟାଟ୍ସମ୍ୟାନ୍ ବ୍ୟାଟିଂ କରୁଛି। ସେମାନେ ଏମିତି ଆନନ୍ଦରେ ମ୍ୟାଚ୍ ଖେଳୁଛନ୍ତି ଲାଗୁଛି ସେମାନେ ସମୁଦ୍ର ଉପରେ ନୁହେଁ ବରଂ ଘର ପାଖ ପଡିଆରେ ଖେଳୁଛନ୍ତି। ସୋସିଆଲ ମିଡିଆରେ ଏହି ପୋଷ୍ଟକୁ ଅନେକ ଲୋକ ପସନ୍ଦ କରୁଛନ୍ତି। ୟୁଜର୍ସ କମେଂଟ କରୁଛନ୍ତି କି ଏହା ହେଉଛି ବେଷ୍ଟ ଗଲି କ୍ରିକେଟ୍ । ତେବେ ଏହା ଜଣାପଡିନି କି ଏହା କେଉଁ ସ୍ଥାନର ଭିଡିଓ। କିନ୍ତୁ ଭିଡିଓକୁ ସମସ୍ତେ ପସନ୍ଦ କରୁଛନ୍ତି ଏବଂ ଏହାକୁ ସେୟାର ମଧ୍ୟ କରାଯାଉଛି।

# ଗୋଟିଏ ଆଇଟମ୍ ଗୀତ ପାଇଁ ୫୦ ଲକ୍ଷ

ବଲିଉଡ ଏବଂ ସାଉଥ୍ ଅଭିନେତ୍ରୀ ତମନ୍ନା ଭାଟିଆ ପ୍ରାୟତଃ ଚର୍ଚ୍ଚାରେ ଥାଆନ୍ତି। ଅଭିନେତ୍ରୀଙ୍କ ସନ୍ଦୁରତା ପାଇଁ ସଭିଏଁ ଦିୱାନା। ତମନ୍ନା ବର୍ତମାନ ସ୍ୱିଜର ଲ୍ୟାଣ୍ଡରେ ତାଙ୍କର ଆଗାମୀ ଚଳଚ୍ଚିତ୍ର "ଭୋଲା ଶଙ୍କର" ର ସୁଟିଂରେ ବ୍ୟସ୍ତ ଅଛନ୍ତି। ତମନ୍ନା ଜଣେ ଅଭିନେତ୍ରୀ ହେବା ସହ ସୁନ୍ଦର ଡ୍ୟାନ୍ସର। କିନ୍ତୁ ଜାଣିଛନ୍ତି କି ସେ ଗୋଟିଏ ଆଇଟମ୍ ଗୀତ ପାଇଁ କେତେ ଚାର୍ଜ କରନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ ଅନିଲ ରବିପୁଡିଙ୍କ ନିର୍ଦ୍ଦେଶିତ ତଥା ନନ୍ଦାମୁରୀ ବାଲକ୍ରିଷ୍ଣାଙ୍କ ଅଭିନୀତ ଫିଲ୍ମ ଏନ୍‌ବିକେ ୧୦୮ ରେ ତମନ୍ନା ଏକ ବିଶେଷ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ତମନ୍ନା ଏକ ଆକର୍ଷଣୀୟ ଆଇଟମ୍ ଗୀତ କରିବାକୁ ରାଜି ହୋଇଛନ୍ତି, ଯେଉଁଥିପାଇଁ ସେ ୫୦,୦୦,୦୦୦ ଟଙ୍କା ମୂଲ୍ୟର ଫି ମାଗିଛନ୍ତି। ଏହା ବ୍ୟତୀତ ତମନ୍ନା ବର୍ତମାନ ନିର୍ଦ୍ଦେଶକ ନେସଲନ ଦିଲୀପ କୁମାରଙ୍କ ଅଭିନୀତ "ଜେଲର" ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ପ୍ରଶଂସକଙ୍କ ସହ ନିଜର ଉତ୍ସାହ ବାଂଟି ସେ କିମ୍ବଦନ୍ତୀ ଅଭିନେତା ରଜନୀକାନ୍ତ ଏବଂ ମୋହନଲାଲଙ୍କ ସହ ଇନଷ୍ଟାଗ୍ରାମରେ ଫିଲ୍ମର ପ୍ରଥମ ଲୁକ୍ ସେୟାର କରିଥିଲେ। ତେବେ ଏନ୍‌ବିକେ ୧୦୮ ଦଳ ଏପର୍ଯ୍ୟନ୍ତ ଏହି ଖବର ବିଷୟରେ କୌଣସି ଅଫିସିଆଲି ସୂଚନା ପ୍ରକାଶ କରି ନାହାଁନ୍ତି ଏବଂ ତମନ୍ନା ସୋସିଆଲ ମିଡିଆରେ ଏ ବିଷୟରେ ନୀରବ ରହିଛନ୍ତି।



# ଆଲିଆଙ୍କ ପରେ ନୀତୁ କିଣିଲେ ବିଳାଶପୂର୍ଣ୍ଣ ଘର

ଅଭିନେତ୍ରୀ ତଥା ରଣବୀର କପୁରଙ୍କ ମା' ନୀତୁ କପୁର। ଆଲିଆ ଭଟ୍ଟଙ୍କ ପରେ ସେ ବର୍ତମାନ ବିଳାଶପୂର୍ଣ୍ଣ ଆପାର୍ଟମେଂଟ କିଣିଛନ୍ତି। ରିପୋର୍ଟ ଅନୁଯାୟୀ, ଆଲିଆଙ୍କ ଶାଶୁ ନୀତୁ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ବିଳାସପୂର୍ଣ୍ଣ ୪-ବିଏଚ୍‌କେ ଫ୍ଲାଟ କିଣିଛନ୍ତି।



ଯାହାର ମୂଲ୍ୟ ୧୭.୪ କୋଟି ଟଙ୍କା। ଆପାର୍ଟମେଂଟଟି ୩୩୮୭ ବର୍ଗଫୁଟ, ଏହି ଘରେ ତିନୋଟି ପାର୍କିଂ ସ୍ଥାନ ରହିଛି। ପଞ୍ଜୀକରଣ ଦଲିଲ ଅନୁଯାୟୀ, ଏହି ସମ୍ପତି କିଣିବା ପାଇଁ ନୀତୁ କପୁର ୧.୦୪କୋଟି ଟଙ୍କା ଷ୍ଟାମ୍ପ ଡ୍ୟୁଟି ଦେଇଥିବା ବେଳେ ଆପାର୍ଟମେଂଟ ମେ' ୧୦, ୨୦୨୩ରେ ତାଙ୍କ ନାଁରେ ପଞ୍ଜୀକୃତ ହୋଇଛି। ନୀତୁ କପୁର କିଣିଥିବା ସମ୍ପତି ସନଟେକ୍ ରିଅଲିଟିର ସିଗନିଆ ଆଇଲେରେ ଅବସ୍ଥିତ। ସିଗନିଆ ଆଇଲେ ଏକ ୧୯ମହଲା କୋଠା ହୋଇଥିବା ବେଳେ ନୀତୁ କପୁର ସପ୍ତମ ମହଲାରେ ଏହି ଆପାର୍ଟମେଂଟ କିଣିଛନ୍ତି। ଏହି ଆପାର୍ଟମେଂଟ ସୋଫିଟେଲ ହୋଟେଲର ଠିକ୍ ବିପରୀତରେ ଥିବା କୁହାଯାଉଛି। ନିକଟରେ ଆଲିଆ ଭଟ୍ଟ ବାନ୍ଦ୍ରାଠାରେ ଏକ ନୂଆ ଫ୍ଲାଟ କିଣିଥିଲେ। ଯାହାର ମୂଲ୍ୟ ୩୭ କୋଟି ଟଙ୍କା। ଏହା ବ୍ୟତୀତ ଆଲିଆ ଆଉ ଦୁଇଟି ଫ୍ଲାଟ କିଣିଛନ୍ତି। ଆଲିଆ ଏହି ଫ୍ଲାଟକୁ ତାଙ୍କ ଭଉଣୀ ଶାହିନ ଭଟ୍ଟଙ୍କୁ ଦେଇଛନ୍ତି। ସୂଚନାନୁସାରେ, ଆଲିଆ ଏବଂ ରଣବୀର କପୁର ମଧ୍ୟ ସେମାନଙ୍କ ନୂତନ ଗୃହ ନିର୍ମାଣ ଉପରେ ଦୃଷ୍ଟି ରଖିଛନ୍ତି।



# ରାଜାମୌଲି ବଦଳାଇଥିଲେ ଜୁନିଅର ଏନଟିଆରଙ୍କ ଭାଗ୍ୟ

ଜୁନିଅର ଏନଟିଆର ଏବଂ ରାଜାମୌଲିର ଯୋଡି ସ୍କ୍ରିନରେ ଧମାକା କରିଛି। ଆରଆରଆର ମାଧ୍ୟମରେ ସମଗ୍ର ବିଶ୍ୱ ଏହା ଦେଖି ସାରିଛି। ହିନ୍ଦୀ ଦର୍ଶକମାନେ ମଧ୍ୟ ତାଙ୍କ ଡବିଂ ଚଳଚ୍ଚିତ୍ର ଟିଭିରେ ଦେଖିଥିବେ। କିନ୍ତୁ ତାଙ୍କର ଏହି ବିସ୍ଫୋରକ ଅବତାରରେ ଦେଖି ଲୋକଙ୍କ ପ୍ରତିକ୍ରିୟା ଅଲଗା ଥିଲା। ବିଶେଷକରି ଫିଲ୍ମର ଏକ ଏନ୍‌ଟିଆରର କାମ ଦେଖିବା ପରେ ଲୋକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହି ଗୀତରେ ଜୁନିୟର ଏନ୍‌ଟିଆରଙ୍କ ପ୍ରଦର୍ଶନ ଉପରେ ରାଜାମୌଲି କହିଥିଲେ, 'ମୁଁ ଭାବୁନାହିଁ ଯେ ଭାରତୀୟ ପରଦାରେ ଅନ୍ୟ କୌଣସି ଅଭିନେତା' ଅଛନ୍ତି ତାହା ଆଉ କେହି କରିପାରିବେ ନାହିଁ। ଆଧୁନିକ ଭାରତୀୟ ସିନେମା ଯୁଗରେ ରାଜାମୌଲି ସବୁଠାରୁ ସଫଳ ତଥା ପ୍ରତିଭା ନିର୍ଦ୍ଦେଶକଙ୍କ ମଧ୍ୟରେ ଗଣାଯାଏ। ପରଦାରେ ଧମାଲ କରିଥିବା ଏହି ଯୋଡି ବାସ୍ତବ ଜୀବନରେ ମଧ୍ୟ ଅତି ନିକଟତର। ଏତେ ନିକଟତର ଯେ ଜୁନିଅର ଏନଟିଆର ରାଜମୌଲିଙ୍କୁ ତାଙ୍କ ସଫଳତାର ଶ୍ରେୟ ଦେଇଥିଲା। କାହିଁକି ନା ଆରଆରଆର ଏହାକୁ ଓସ୍କାର ଦୌଡ଼ରେ ସାମିଲ୍ ହୋଇଥିଲା ଏବଂ ପୁରସ୍କାର ମଧ୍ୟ ପାଇଲା। ତେଲୁଗୁ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ଦୁଇଟି ବଡ଼ ସ୍ତମ୍ଭ ମଧ୍ୟରୁ ଏନ୍.ଟି ରାମା ରାଓଙ୍କ ନାତି ପିଲାଦିନରୁ ଅଭିନୟ ଆରମ୍ଭ କରିଥିଲେ। ୭ ବର୍ଷ ବୟସରେ ତାଙ୍କ ଜେଜେବାପାଙ୍କ ଚଳଚ୍ଚିତ୍ର 'ବ୍ରହ୍ମର୍ଷି ବିଶ୍ୱାମିତ୍ର' ସହିତ ଅଭିନୟ ଆରମ୍ଭ କରିଥିଲେ। ୧୯୯୭ ରେ, ସେ 'ରାମାୟଣ'ରେ ପ୍ରଭୁ ରାମଙ୍କ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। 'ଷ୍ଟୁଡେଂଟ ନମ୍ବର-୧' ପରେ, ତାରକର ପରବର୍ତ୍ତୀ ୪ଟି ଚଳଚ୍ଚିତ୍ରରେ କାମ କରିଥିଲେ। ହେଲେ 'ଆଦି' (୨୦୦୨) ଏକ ବଡ଼ ହିଟ୍ ହୋଇଥିଲା। ୨ ଟି ଚଳଚ୍ଚିତ୍ର ଫ୍ଲପ୍ ଏବଂ ଗୋଟିଏ ଆଭରେଜ ଥିଲା। ୨୦୦୩ରେ, 'ସିମ୍ହାଦ୍ରି' ସହିତ ରାଜାମୌଲି-ତାରକର ଯୋଡି ପୁଣି ଥରେ ବଡ ପରଦାରେ ଧମାଲ କରିବା ସହ ଚଳଚ୍ଚିତ୍ର ବହୁତ କଲେକସନ୍ କରିଥିଲା। ରାଜମୌଲିଙ୍କ ସହ ମିଳିତ ହେବା ପୂର୍ବରୁ ସେ ୬ ଟି ଚଳଚ୍ଚିତ୍ର କରିଥିଲେ, ଯେଉଁମଧ୍ୟରୁ ୪ଟି ଫ୍ଲପ୍ ଥିଲା। ବାରମ୍ବାର ବିଫଳ ହେବା ପରେ ୨୦୦୭ରେ, ରାଜାମୌଲି ଏବଂ ଏନ୍‌ଟିଆର ପୁଣି ଥରେ 'ୟାମଦୋଙ୍ଗା'ରେ ଏକାଠି ହୋଇଥିଲେ। ଯାହା ବକ୍ସ ଅଫିସରେ ଭଲ କଲେକସନ କଲା। ୨୦୧୩ରେ ପ୍ରଥମ ଥର ପାଇଁ 'ବାଦଶାହ' ସହିତ ବକ୍ସ ଅଫିସରେ ୧୦୦ କୋଟି ସଫଳତାର ଚିଚି ଚଢ଼ିଥିଲେ। ୨୦୧୬ରେ 'ନାନ୍ନାକୁ ପ୍ରେମାଥୋ' ସହିତ କ୍ରମାଗତ ସେଞ୍ଚୁରି ମାରିଲେ। ଏହି ସମୟରେ ସେ 'ଜନତା ଗ୍ୟାରେଜ', 'ଜୟ ଲଭ କୁଶ' ଏବଂ 'ଅରବିନ୍ଦ ସମେଥା' ଭଳି ବଡ଼ ହିଟ୍ ଦେଲେ। ୨୦୨୨ରେ, ଏନଟିଆର ଏବଂ ରାଜମୌଲି ପୁଣି ଥରେ ଆରଆରଆରରେ ଏକାଠି ହେଲେ। ରାମ ଚରଣଙ୍କ ସହ ଲିଡ୍ କରୁଥିବା ଏନଟିଆର ଭାରତୀୟ ସିନେମାକୁ ସବୁଠୁ ବଡ ହିଟ୍ ଫିଲ୍ମ ଦେଇଥିଲେ। ଆରଆରଆର ୧୧୦୦ କୋଟିରୁ ଅଧିକ ରୋଜଗାର କରୁଥିବା ଚଳଚ୍ଚିତ୍ର ହୋଇପାରିଛି। ଜୁନିଅର ଏନ୍‌ଟିଆର ବିଷୟରେ କହିବାକୁ ଗଲେ, ତାଙ୍କର ପରବର୍ତ୍ତୀ ଚଳଚ୍ଚିତ୍ରର ଟାଇଟଲ୍ 'ଏନ୍‌ଟିଆର ୩୦' ଭାବରେ ରଖାଯାଇଛି। 'ଜନତା ଗ୍ୟାରେଜ' ନିର୍ଦ୍ଦେଶକ କରଟାଲା ଶିବାଙ୍କ ସହ ତାଙ୍କ ଚଳଚ୍ଚିତ୍ରରେ ଏକ ବଡ଼ ହିଟ୍ ହେବ ବୋଲି ଆଶା କରାଯାଉଛି।




# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଅଭୁଲା ସ୍ମୃତି

ସାଂସ୍କୃତିକ ପୃଷ୍ଠଭୂମିରେ ମନ୍ଦିରମାଳିନୀ ଆମର ଏହି ପବିତ୍ର ଉତ୍କଳ ବିଭବ ବିମଣ୍ଡିତ। ଏହି ପ୍ରାଣ ପ୍ରାଚୁର୍ଯ୍ୟଭରା ଆମ ପବିତ୍ର ଉତ୍କଳ ବା ଓଡିଶାର ଶୋଭା ପସରା ଅତୀବ ମନୋରମ। ପାହାଡ ପର୍ବତ ଘେରା ଘଂଚ ବନରାଜିର ଅଫୁରନ୍ତ ଶୋଭା ପ୍ରତିଟି ଉତ୍କଳୀୟ ପ୍ରାଣରେ ନବ ପୁଲକ ସଂଚାର କରିଥାଏ। କଳାସଂସ୍କୃତିରେ ମହିମାମୟ ଋଦ୍ଧିମନ୍ତ ଉତ୍କଳର ଶୋଭାରାଜି କବି ହୃଦୟକୁ ଆହ୍ଲାଦ କରିବା ସହ ସେ ହୃଦୟରୁ ନିହ୍ନାଦିତ କରିଥାଏ। "ବନ୍ଦେ ଉତ୍କଳ ଜନନୀ ଚାରୁ ହାସମୟୀ, ଚାରୁ ହାସମୟୀ ଜନନୀ, ଜନନୀ, ଜନନୀ"। ଯେଉଁ ଉତ୍କଳରେ ଜଗତର ନାଥ କାଳିଆ ସାଆନ୍ତ କୋଟି ଓଡିଆର ମଉଡମଣୀ ବିରାଜମାନ କରିଛନ୍ତି, ଏହି ପବିତ୍ର ଓଡିଶା ମାଟିରେ, ଯେଉଁ ମାଟିରେ ଶାନ୍ତି, ମୈତ୍ରୀ ଓ ପ୍ରୀତିର ଶଙ୍ଖ ତରଙ୍ଗ ପ୍ରତିଧ୍ୱନିତ ହୁଏ। ଉତ୍କୃଷ୍ଟ କଳାତ୍ମକ ଆମର ଏ ଦେଶର ଅଧିବାସୀଙ୍କୁ ଓଡିଆ ବା ଉତ୍କଳୀୟ କୁହାଯାଏ।

୧୯୩୬ ମସିହା ଏପ୍ରିଲ୍ ୧ ତାରିଖ ଓଡିଶା ଇତିହାସରେ ଏକ ସ୍ମରଣୀୟ ଦିବସ। ଭାରତ ମାନଚିତ୍ରରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶଭାବେ ସେହିଦିନ ସ୍ଥାନ ପାଇଲା। ସେଥିପାଇଁ ଏହି ଦିବସଟି ପ୍ରତ୍ୟେକ ଓଡିଆଙ୍କ ପାଇଁ ଏକ ଅବିସ୍ମରଣୀୟ ଓ ତାତ୍ପର୍ଯ୍ୟପୂର୍ଣ୍ଣ ଦିନ। ଏହି ଦିବସରେ ଆବାଳ ବୃଦ୍ଧ ବନିତା ଏକତ୍ରିତ ହୋଇ ଏହି ପବିତ୍ର ଦିବସଟିକୁ ଅତି ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରିଥାନ୍ତି। ଏବଂ ଗୌରବମୟ ଅତୀତର ସ୍ମୃତି ଚାରଣ କରିଥାନ୍ତି। ଏହି ଦିନରେ ଆମ ଉତ୍କଳ ଜନନୀ ବହୁ ଘାତ ପ୍ରତିଘାତ ସତ୍ୱେ ସ୍ୱତନ୍ତ୍ର ଓଡିଶା ପ୍ରଦେଶରେ ପରିଣତ ହୋଇଥିଲା। ଫଳସ୍ୱରୂପ ଶତାବ୍ଦୀ ଶତାବ୍ଦୀ ଧରି ସ୍ୱୀୟ, ଉଚ୍ଚ ପରମ୍ପରା, ସଂସ୍କୃତି ଓ ମୂଲ୍ୟବୋଧର ସ୍ୱାତନ୍ତ୍ର୍ୟ ବ୍ୟାସ ରଖିଆସିଥିବା ଓଡିଆ ଭାଷା ଲୋକମାନଙ୍କର ସ୍ୱାତନ୍ତ୍ର୍ୟ ପ୍ରଦେଶ ଗଠନର ଆଶା, ଆକାଂକ୍ଷା ଓ ସ୍ୱପ୍ନ ବାସ୍ତବରେ ରୂପାୟିତ ହୋଇଥିଲା। ଏହାର ଐତିହାସିକ ପୃଷ୍ଠଭୂମିକୁ ଅବଲୋକନ କଲେ ଜଣାପଡେ ଓଡିଶାର ଶେଷ ହିନ୍ଦୁ ରାଜା ମୁକୁନ୍ଦଦେବଙ୍କ ୧୫୬୮ ଖ୍ରୀଷ୍ଟାବ୍ଦରେ ମୃତ୍ୟୁପରେ ଉତ୍କଳର ଭାଗ୍ୟାକାଶରେ ଘୋର ଦୁର୍ଦ୍ଦିନ ଘୋଟିଆସେ। ଆଫଗାନ୍, ମୋଗଲ ଓ ମରହଟ୍ଟାମାନେ ଓଡିଶା ଆକ୍ରମଣ କରି ଏହାର ଐକ୍ୟ, ସଂସ୍କୃତି, ଐତିହ୍ୟ ଓ ସ୍ୱାତନ୍ତ୍ର୍ୟକୁ ଲୋପ କରିବାକୁ ପ୍ରଚେଷ୍ଟା କରନ୍ତି। ୧୭୬୫ରେ ଲର୍ଡ କ୍ଲାଇବ୍ ବଙ୍ଗ, ବିହାର ସହିତ ଓଡିଶାର ଦେୱାନୀ ଗ୍ରହଣ କରନ୍ତି। ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡିଶା ଇଂରେଜମାନଙ୍କର ଶାସନାଧିନ ହୁଏ। ଏହିପରି କାଳର କ୍ରୁର ପରିହାସରେ ବିଜୟ ବିମଣ୍ଡିତ ଇତିହାସ ପ୍ରସିଦ୍ଧ ଚାରୁହାସ୍ୟମୟୀ, ଚାରୁଭାଷମୟୀ, ଉତ୍କଳ ଜନନୀ ଶ୍ରୀ ହୀନା, ଛିନ୍ନମସ୍ତା, ଶୀର୍ଣ୍ଣ, କଳେବର ହୋଇଯାଏ। ୧୮୫୭ରେ ଅନୁଷ୍ଠିତ ଐତିହାସିକ ସିପାହୀ ବିଦ୍ରୋହ ଭାରତୀୟ ସ୍ୱାଧିନତା ସଂଗ୍ରାମ ପାଇଁ ଥିଲା ପ୍ରଥମ ସ୍ୱର ଉତୋଳନ। ମାତ୍ର ଏହା ବହୁ ପୂର୍ବରୁ ଅର୍ଥାତ୍ ୧୮୧୭ ଖ୍ରୀଷ୍ଟାବ୍ଦରେ ଓଡିଶାର ବରପୁତ୍ର ଦୁର୍ଦ୍ଧର୍ଷ ପାଇକ ଯୋଦ୍ଧା ବକ୍ସି ଜଗବନ୍ଧୁ ଇଂରେଜ ସରକାର ବିରୁଦ୍ଧରେ ରଣ ହୁଙ୍କାର ଦେଇଥିଲେ।

ଏହା ଓଡିଶାରେ ଇଂରେଜ ସ୍ଥିତିକୁ ଅଳ୍ପକାଳ ପାଇଁ ଦୋହଲାଇ ଦେଇଥିଲା। ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ୧୯୨୧ ମସିହାରେ ଅସହଯୋଗ ଆନ୍ଦୋଳନର ସୂତ୍ରପାତ ହୁଏ। ଏହା ବହୁ ପୂର୍ବରୁ ସମ୍ବଲପୁରର ବୀର ସୁରେନ୍ଦ୍ରସାଏ ଇଂରେଜ ସରକାର ବିରୁଦ୍ଧରେ ୧୮୨୬ ମସିହାରେ ସ୍ୱର ଉତୋଳନ କରନ୍ତି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଇଂରେଜ ସରକାର ବିରୋଧରେ ଓଡିଶାରେ ହିଁ ପ୍ରଥମେ ଜନ ଜାଗରଣ ହୋଇଥିଲା।

ଦିନ ଥିଲା, ପ୍ରାଚୀନ ଓଡିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ଓଡିଶାର ବଣିକ ବୃନ୍ଦ ଜାଭା, ସୁମାତ୍ରା, ବର୍ଲି, ସିଂହଳ ଓ ବୋର୍ଣ୍ଣିଓ ପ୍ରଭୃତି ଦ୍ୱୀପମାନଙ୍କୁ ଯାତ୍ରାକରି ଏ ରାଜ୍ୟକୁ ସମୃଦ୍ଧିଶାଳୀ କରିଥିଲେ। ବୀର ଓ ଦୁର୍ଦ୍ଧର୍ଷ ଜାତି ରୂପେ ଓଡିଆମାନେ ସମଗ୍ର ଦେଶରେ ସୁନାମ ଅର୍ଜ୍ଜନ କରିଥିଲେ। ଓଡିଶାର କଳା, ସଂସ୍କୃତି, ଐତିହ୍ୟ, ଭାସ୍କର୍ଯ୍ୟ ଏବଂ ସାହିତ୍ୟ ଉନ୍ନତିର ଚରମ ସୀମାରେ ଉପନୀତ ହୋଇଥିଲା। ମାତ୍ର କାଳର ରଥଚକ୍ର ତଳେ ସେହି ଗୌରବମୟ ଐତିହ୍ୟ ପେଷି ହୋଇଗଲା। ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଚେଦି ବଂଶର ସମ୍ରାଟ ଖାରବେଳ କଳିଙ୍ଗର ଶାସନଭାର ଗ୍ରହଣ କଲେ। ସେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜ୍ୟ ଜୟ କରି ହୃତ ଗୌରବକୁ ଫେରାଇ ଆଣିଥିଲେ। ଖାରବେଳଙ୍କ ପରେ ଶୈଳୋଭବ ଏବଂ ତତ୍ପରେ ଭୌମବଂଶୀୟ ରାଜାଗଣ ଓଡିଶାରେ ରାଜତ୍ୱ କରିଥିଲେ। ୩୪୨ ଖ୍ରୀଷ୍ଟାବ୍ଦରେ ସମୁଦ୍ରଗୁପ୍ତ ଏବଂ ୬୧୦ ଖ୍ରୀଷ୍ଟାବ୍ଦରେ ଗୌଡ ଦେଶର ରାଜା ଶଶାଙ୍କ ଓଡିଶାରେ ସାମ୍ରାଜ୍ୟ ବିସ୍ତାର କରିଥିଲେ। ନବମ ଶତାବ୍ଦୀ ବେଳକୁ ଓଡିଶା ସୋମବଂଶୀୟ ରାଜାମାନଙ୍କ ଶାସନାଧିନ ଥିଲା। ତତ୍ପରେ କେଶରୀ ବଂଶର ରାଜାମାନେ ଶାସନଭାର ଗ୍ରହଣ କଲେ। ସେମାନଙ୍କ ଅମଳରେ ଓଡିଶାରେ ବହୁ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା। କେଶରୀ ବଂଶ ପରେ ଓଡିଶାରେ ଗଙ୍ଗବଂଶୀୟ ରାଜାମାନେ ରାଜତ୍ୱ କଲେ। ଏହି ବଂଶର ଚୋଳଗଙ୍ଗ ଦେବ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ। ଲାଙ୍ଗୁଡା ନରସିଂହଦେବ ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ। ଗଙ୍ଗବଂଶ ପରେ ଓଡିଶାରେ ସୂର୍ଯ୍ୟବଂଶର ରାଜାମାନେ ରାଜତ୍ୱ ଚଳାଇଲେ। କପିଳେନ୍ଦ୍ର ଦେବ, ପୁରୁଷୋତମ ଦେବ ଏବଂ ପ୍ରତାପରୁଦ୍ର ଦେବ ଏହି ବଂଶର ପରାକ୍ରମଶାଳୀ ନୃପତି ଥିଲେ। ସେମାନେ ବହୁ ରାଜ୍ୟ ଜୟ କରି ଓଡିଶାର ଉନ୍ନତି ବିଧାନ କରିଥିଲେ। ସୂର୍ଯ୍ୟବଂଶ ପରେ ଓଡିଶାରେ ଭୋଇବଂଶର ରାଜାମାନେ ରାଜୁତି କଲେ। ୧୫୬୮ ଖ୍ରୀଷ୍ଟାବ୍ଦରେ ମୁକୁନ୍ଦଦେବ ଶାସନଭାର ଗ୍ରହଣ କଲେ। ସେ ଓଡିଶାରେ ଶେଷ ସ୍ୱାଧିନ ହିନ୍ଦୁ ରାଜା। ୧୫୬୮ ଖ୍ରୀଷ୍ଟାବ୍ଦରେ ଆଫଗାନମାନେ ଓଡିଶାରେ ରାଜତ୍ୱ କରି ଓଡିଶାର ଗୌରବକୁ ଧ୍ୱଂସ କଲେ। ୧୬୫୨ ଖ୍ରୀଷ୍ଟାବ୍ଦରେ ଏହା ମୋଗଲ ସାମ୍ରାଜ୍ୟଭୁକ୍ତ ହେଲା। ଏହାପରେ ମରହଟ୍ଟାମାନେ ଓଡିଶା ଆକ୍ରମଣ କରି ଓଡିଶାର ଗୌରବ, ଐତିହ୍ୟକୁ ଧୂଳିସାତ୍ କଲେ। ପରିଶେଷରେ ୧୮୦୩ ଖ୍ରୀଷ୍ଟାବ୍ଦରେ ଓଡିଶା ଇଂରେଜ ଶାସନାଧିନ ହେଲା। ଇଂରେଜମାନଙ୍କ ରାଜତ୍ୱ କାଳରେ ଓଡିଶାର ସାମାଜିକ, ଆର୍ଥନୀତିକ, ରାଜନୀତିକ ଓ ସାଂସ୍କୃତିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଲା। ସର୍ବଶେଷରେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣୀ ଗୋପବନ୍ଧୁ, ପାରଳା ମହାରାଜ କୃଷ୍ଣଚନ୍ଦ୍ର, ମୟୁରଭଞ୍ଜର ରାଜା ଶ୍ରୀ ରାମଚନ୍ଦ୍ର ପ୍ରଭୃତି ବରପୁତ୍ରମାନଙ୍କ ପ୍ରଚେଷ୍ଟାରେ ୧୯୩୬ ମସିହା ଏପ୍ରିଲ୍ ପହିଲା ତାରିଖରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲା।

**ସ୍ୱତନ୍ତ୍ର ଓଡିଶା ଗଠନରେ ମନୀଷୀଗଣ:-** ଉତ୍କଳ ଏକତ୍ରୀକରଣରେ ଯେଉଁ ଯୋଗଜନ୍ମା ମନୀଷୀଗଣ ଆପ୍ରାଣ ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରେ ଉତ୍କଳଗୌରବ ମଧୁସୂଦନ ଦାସ ଅଗ୍ରଗଣ୍ୟ। ୧୮୪୮ ମସିହା ଏପ୍ରିଲ୍ ୨୮ ତାରିଖରେ ସେ ଜନ୍ମଗ୍ରହଣ କରିଥିଲେ। ୧୮୬୬ ଖ୍ରୀଷ୍ଟାବ୍ଦରେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ସେ କଲିକତା ଯାଇ ୧୮୭୦ରେ ବି.ଏ ଏବଂ ଏମ୍.ଏ ପାସ୍ କଲେ। ମାତୃଭୂମିର ସେବାରେ ପ୍ରାଣୋତ୍ସର୍ଗ କରିବା ପାଇଁ ସେ ୧୮୮୧ ମସିହାରେ ଓଡିଶାକୁ ପ୍ରତ୍ୟାବର୍ତନ କଲେ। ସେତେବେଳକୁ ସେ ଓକିଲାତି ପାସ୍ କରିଥିଲେ।

ସେତେବେଳକୁ ଓଡିଶାରେ ଘୋର ଦୁର୍ଦ୍ଦିନ ଦେଖାଦେଇଥିଲା। ଏପରି ଏକ ମୁହୂର୍ତରେ ଏସବୁ ଆବିର୍ଭୁତ ହୋଇ ଏ ଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ଦେଲେ। ତାଙ୍କର ବଳିଷ୍ଠ ନେତୃତ୍ୱରେ ଉତ୍କଳ ସମ୍ମିଳନୀ ଗଠିତ ହେଲା। ସମ୍ମିଳନୀ ମଣ୍ଡପରେ ସେ ଦଣ୍ଡାୟମାନ ହୋଇ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ:- ***"ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ/କୋଟି ପ୍ରାଣବିନ୍ଦୁ ଧରେ/ତୋ'ର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ/ଢେଇଁପଡି ସିନ୍ଧୁ ନୀରେ॥"***

ମଧୁବାବୁଙ୍କ ଆପ୍ରାଣ ଚେଷ୍ଟାରେ ସମ୍ବଲପୁର ମଧ୍ୟପ୍ରଦେଶରୁ ବିଚ୍ଛିନ୍ନ ହୋଇ ଓଡିଶାରେ ମିଶିଲା। ୧୯୧୩ରୁ ୧୯୨୩ ମସିହା ପର୍ଯ୍ୟନ୍ତ ମଧୁବାବୁ ବିହାର-ଓଡିଶା ପ୍ରଦେଶର କାଉନ୍‌ସିଲର ସଭ୍ୟ ହୋଇ ମନ୍ତ୍ରୀପଦରେ ଅଧିଷ୍ଠିତ ହୋଇଥିଲେ। ସେ ୧୯୧୭ରେ ଭାରତର ସଚ୍ଚିବ ମଂଟେଗୁ ଓ ଚେମସ୍‌ଫୋର୍ଡଙ୍କ ସହିତ ସାକ୍ଷାତ କରି ଓଡିଶା ପ୍ରଦେଶ ଗଠନ ପାଇଁ ଦାବୀ ଉପସ୍ଥାପନ କଲେ। ୧୯୨୭ ସାଲରେ ସାଇମନ କମିଶନ ଉତ୍କଳୀୟମାନଙ୍କ ଦାବୀ ଯଥାର୍ଥ ବୋଲି ହୃଦୟଙ୍ଗମ କଲେ। ୧୯୩୧ ସାଲରେ ଓଡନେଇ କମିଟି ମାଧ୍ୟମରେ ସରକାର ଓଡିଶାର ନ୍ୟାଯ୍ୟ ଦାବୀ ସମ୍ପର୍କରେ ଅନୁସନ୍ଧାନ କଲେ। ୧୯୩୬ ଏପ୍ରିଲ୍ ପହିଲାରେ ମଧୁବାବୁଙ୍କର ସ୍ୱପ୍ନର ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟର ସମ୍ମାନ ହାସଲ କଲା। କିନ୍ତୁ ତା' ପୂର୍ବରୁ ଏଇ ବରପୁତ୍ର ୧୯୩୪ରେ ଇହଲୀଳା ସମ୍ବରଣ କରିଥିଲେ।

ଉତ୍କଳୀୟ ଏକତ୍ରୀକରଣରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ। ୧୮୭୭ ମସିହାରେ ସେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରୁ ଦେଶ, ଜାତି ଓ ସମାଜ କଥା ସେ ନିରନ୍ତର ଭାବୁଥିଲେ। ମରୁଡି ଓ ବନ୍ୟାବେଳେ ସେ ବୁଭୁକ୍ଷୁ ଲୋକଙ୍କ ମଧ୍ୟରେ ଚୂଡା ଚାଉଳ ବାଂଟୁଥିଲେ। ସଂକୀର୍ଣ୍ଣତା ଓ ସ୍ୱାର୍ଥପରତାରୁ ସେ ସର୍ବଦା ଊର୍ଦ୍ଧ୍ୱରେ ଥାଇ ସେବାରେ ବ୍ରତୀ ଥିଲେ। ବିଚ୍ଛିନ୍ନାଂଚଳରେ ସଙ୍ଗଠନ କରି ଓଡିଆ ଭାଷାଭାଷୀମାନଙ୍କୁ ଏକତ୍ରୀକରଣ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସେ ଓଡିଶାରେ ମହାତ୍ମା ଗାନ୍ଧିଙ୍କ ବାର୍ତା ପ୍ରଚାର କରିବା ସଙ୍ଗେ ସଙ୍ଗେ ମଧୁବାବୁଙ୍କ କାର୍ଯ୍ୟରେ ସହାୟତା କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାରେ ଆଉ ଜଣେ ମହାରଥି ହେଉଛନ୍ତି ପାରଳାର ଗଜପତି କୃଷ୍ଣଚନ୍ଦ୍ର ଦେବ। ୧୯୩୦ ମସିହାରେ ଲଣ୍ଡନଠାରେ ଅନୁଷ୍ଠିତ ଗୋଲଟେବୁଲ ବୈଠକରେ ଓଡିଶାର ପ୍ରତିନିଧିତ୍ୱ କରିବା ଉଦ୍ଦେଶ୍ୟରେ ବିହାର ଓଡିଶା ସରକାର ତାଙ୍କ ନାମ ସୁପାରିଶ କଲେ। କିନ୍ତୁ କୃଷ୍ଣଚନ୍ଦ୍ର ଲଣ୍ଡନରେ ପହଚିଂବା ପୂର୍ବରୁ ଗୋଲଟେବୁଲ ବୈଠକରେ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇସାରିଥିଲା। ସୁତରାଂ ସେ ଓଡିଶାର ଦାବି ଉପସ୍ଥାପିତ କରିପାରିଲେ ନାହିଁ। ୧୯୩୧ ମସିହା ସାର୍ ଉଇଲିୟମ୍ ଡୋଓ୍ୱେଟଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହେଲା। ସିନ୍ଧୁପ୍ରଦେଶ ଗଠନ ସମ୍ପର୍କରେ ସବ୍‌କମିଟି ରିପୋର୍ଟ ବିଚାର ହେବାର କାର୍ଯ୍ୟକ୍ରମ ଥିଲା। ଉକ୍ତ ବୈଠକରେ ଓଡିଆମାନଙ୍କର ନ୍ୟାଯ୍ୟ ଦାବି ଉପସ୍ଥାପିତ କରିବା ପାଇଁ ସେ ବିଲାତ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ। ତାଙ୍କର ଅନୁମତି କ୍ରମେ କୃଷ୍ଣଚନ୍ଦ୍ର ଓଡିଆମାନଙ୍କର ଦୂରବସ୍ଥା ଏବଂ ସ୍ୱତନ୍ତ୍ର ପ୍ରଦେଶ ଗଠନର ଗୁରୁତ୍ୱ ସମ୍ପର୍କରେ ବ୍ରିଟିଶ କର୍ତୃପକ୍ଷଙ୍କୁ ପ୍ରଭାବିତ କରିବାରେ ସମର୍ଥ ହୋଇଥିଲେ। ତାଙ୍କର ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦାବି ପ୍ରଥମ ଗୋଲଟେବୁଲ ବୈଠକରେ ସମସ୍ତ ପ୍ରତିନିଧିଙ୍କର ଦୃଷ୍ଟି ଆକର୍ଷଣ କରିଥିଲା।

ଗୋଲଟେବୁଲ ବୈଠକରେ ଅନ୍ୟତମ ସଦସ୍ୟ ତଥା ରାଷ୍ଟ୍ରସଚ୍ଚିବ ସାମୁଏଲ୍ ହୋରଙ୍କ ସହିତ କୃଷ୍ଣଚନ୍ଦ୍ରଙ୍କର ବ୍ୟକ୍ତିଗତ ସମ୍ପର୍କ ଥିଲା। ଲଣ୍ଡନରେ ତୃତୀୟ ଗୋଲଟେବୁଲ ବୈଠକ ବସିଥିବାବେଳେ ସାମୁଏଲ୍ ସାହେବ ଓଡିଶା ତରଫରୁ ଆୟୋଜିତ ଭୋଜିସଭାରେ ୧୯୩୪ରେ ଯୋଗଦାନ କରିଥିଲେ। ଏହି ସଭାରେ ସେ କୃଷ୍ଣଚନ୍ଦ୍ରଙ୍କର ଭୂୟସୀ ପ୍ରଶଂସା କରିଥିଲେ। ଉତ୍କଳମାତାର ସେଇ ଦୁଇ ବରପୁତ୍ର ଉତ୍କଳ ସମ୍ମିଳନୀ ଆରମ୍ଭ ହେବା ଦିନଠାରୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେବା ପର୍ଯ୍ୟନ୍ତ ନିଜକୁ ବିଜଡିତ କରିଥିଲେ। ସେତେବେଳେ ମାଡ୍ରାସ ପ୍ରେସିଡେନ୍ସି ଅଧିନରେ ଗଞ୍ଜାମ ଅନ୍ତର୍ଭୁକ୍ତ ଥିଲା। ହରିହରଙ୍କ ନେତୃତ୍ୱରେ ଗଞ୍ଜାମବାସୀ ସକ୍ରିୟ ହୋଇଉଠିଲେ। ଏହାପରେ ସେ ମଧୁସୂଦନ, ରାଧାନାଥ ଓ ଫକୀରମୋହନଙ୍କ ସଂସ୍ପର୍ଶରେ ଆସିଥିଲେ। ତାଙ୍କର ଜାତୀୟତାର ଆଭାସ ପାଇ କବି ନୀଳମଣି ବିଦ୍ୟାରତ୍ନ ରମ୍ଭା ଆସିଲେ। ତାଙ୍କର ପ୍ରେରଣାରେ ପ୍ରୋତ୍ସାହିତ ହୋଇ ହରିହର ରମ୍ଭାରେ ଏକ ପ୍ରେସ୍ ସ୍ଥାପନ କରି "ପ୍ରଜାବନ୍ଧୁ", "ମଧୁପ" ଓ "ସଂସ୍କାରକ" ନାମକ ପତ୍ରିକା ପ୍ରକାଶ କରି ଓଡିଆମାନଙ୍କର ନ୍ୟାର୍ଯ୍ୟ ଦାବି, ଦୁଃଖଦୁର୍ଦ୍ଦଶା ଉପସ୍ଥାପନା କଲେ। ତାଙ୍କ ନେତୃତ୍ୱରେ ରମ୍ଭାରେ ଏକ ସଭା ଆହୂତ ହେଲା। ଏହା ପରବର୍ତୀ କାଳରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହେଲା। ବିଭିନ୍ନ ସଭାସମିତିର ସୁପରିଚାଳନା ପାଇଁ ସେ ଆର୍ଥିକ ସାହାଯ୍ୟ ଦେଉଥିଲେ।

୧୯୦୮ ମସିହାରେ କଟକ ଠାରେ ଉତ୍କଳ ସମ୍ମିଳନୀର ଷଷ୍ଠ ଅଧିବେଶନ ଅନୁଷ୍ଠିତ ହେଲା। ଏଥିରେ ହରିହର ଯୋଗଦାନ କରି ଏହାକୁ ତୀବ୍ରତର କରିବା ପାଇଁ ପ୍ରସ୍ତାବମାନ ଦେଲେ। ଦକ୍ଷିଣ ଓଡିଶାର ଓଡିଆ ଆନ୍ଦୋଳନର କର୍ଣ୍ଣଧାର ରୂପେ ହରିହର ଯେଉଁ ଭୂମିକା ଗ୍ରହଣ କରିଥିଲେ, ତାହା ଓଡିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ତା'ପରେ ୧୯୨୧ରୁ ତାଙ୍କର ସୁଯୋଗ୍ୟ ପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜ ପିତାଙ୍କ ପଥ ଅନୁସରଣ କରିଥିଲେ। ଦେଶ ମିଶ୍ରଣର ଶେଷ ନିଷ୍ପତି ପାଇଁ ଗଭର୍ଣ୍ଣର ଜେନେରାଲ ଫିଲିଫ୍ ସାହେବ ଓ ଡଫ୍ ସାହେବଙ୍କୁ ନିଯୁକ୍ତ କଲେ। ଫିଲିଫ୍-ଡଫ୍ କମିଶନ ଗଞ୍ଜାମ ପରିଦର୍ଶନକୁ ଯେତେବେଳେ ଆସିଲେ, ସେତେବେଳେ ରାମଚନ୍ଦ୍ର ଉତ୍କଳ ସମ୍ମିଳନୀର ଇତିହାସ ଓ ତାଙ୍କ ପିତାଙ୍କ ଦେଶ ମିଶ୍ରଣ ପାଇଁ ଉଦ୍ୟମ ଶୁଣାଇ ଏକ ଲିଖିତ ଦାବି ଉପସ୍ଥାପନ କଲେ। କମିଶନ ଓଡିଆମାନଙ୍କର ଦାବି ଯଥାର୍ଥ ବୋଲି ହୃଦୟଙ୍ଗମ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କଲେ। ୧୯୨୭ରେ ରାମଚନ୍ଦ୍ର ମର୍ଦ୍ଦରାଜ ସାଇମନ କମିଶନଙ୍କୁ ଗଞ୍ଜାମ ତରଫରୁ ଏକ ସ୍ମାରକପତ୍ର ଦେଲେ। ୧୯୩୨ ସାଲରେ ଲଣ୍ଡନଠାରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ ବୈଠକରେ ସେ ଯୋଗଦେଇ ସ୍ୱତନ୍ତ୍ର ଓଡିଶା ଗଠନ ପାଇଁ ବଳିଷ୍ଠ ଯୁକ୍ତି ବାଢିଲେ। ଓଡିଶା ଗଠନ ନିମିତ୍ତ ଜନ୍ ହବାକ୍‌ଙ୍କ ନେତୃତ୍ୱରେ ଏକ କମିଟି ରମ୍ଭାରେ ପଂହଚି ରାମଚନ୍ଦ୍ରଙ୍କ ସହ ସାକ୍ଷାତ କଲେ। କମିଟି ରାମଚନ୍ଦ୍ରଙ୍କର ବହୁ ବଳିଷ୍ଠ ଯୁକ୍ତି ଗ୍ରହଣ କଲେ। ବାଲେଶ୍ୱର ରାଜା ବୈକୁଣ୍ଠନାଥ ଦେ ଆଉ ଜଣେ ମହାରଥି। ସେ ମର୍ମେ ମର୍ମେ ଅନୁଭବ କଲେ ଯେ ଜାତୀୟଚେତନାର ଅଭିବୃଦ୍ଧି ପାଇଁ ସମ୍ବାଦପତ୍ରର ଭୂମିକା ଆବଶ୍ୟକ। ତେଣୁ ସେ ୧୮୭୩ ମସିହାରେ ବାଲେଶ୍ୱରଠାରେ ଏକ ଛାପାଖାନା ନିର୍ମାଣ କରି 'ସମ୍ବାଦ ବାହିକା' ପ୍ରକାଶ କଲେ। ଓଡିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରି ବଙ୍ଗଳା ଭାଷା ବିରୋଧରେ ସ୍ୱର ଉତୋଳନ କରିବା ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା। ଓଡିଆ ଭାଷାର ଉନ୍ନତି ନିମିତ୍ତ ସେ କେତୋଟି ବିଦ୍ୟାଳୟ ପ୍ରତିଷ୍ଠା କଲେ ଏବଂ ନିଜେ ଓଡିଆରେ କେତୋଟି ପାଠ୍ୟ ପୁସ୍ତକ ମଧ୍ୟ ରଚନା କଲେ। ସେ ଓଡିଆ ଭାଷାଭାଷୀ ଅଂଚଳର ଏକତ୍ରୀକରଣ ପାଇଁ ବଦ୍ଧ ପରିକର ହେଲେ। ଜନମତ ସୃଷ୍ଟି କରିବା ପାଇଁ ସେ ୧୮୭୯ ମସିହାରେ ବାଲେଶ୍ୱରଠାରେ ଏକ ଜାତୀୟ ସଂସଦ ଗଠନ କରି ସଭାପତି ଆସନ ଅଳଙ୍କୃତ କରିଥିଲେ। ଓଡିଆ ଭାଷାଭାଷୀ ଅଂଚଳ ଏକତ୍ର କରିବା ପାଇଁ ସେ ଏହା ପୂର୍ବରୁ ବଙ୍ଗଳାର ତତ୍କାଳୀନ ଲେଫଟ୍‌ନାଂଟ ଗଭର୍ଣ୍ଣରଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ରାଜା ବୈକୁଣ୍ଠନାଥ ଦେ ଏବଂ ଅନ୍ୟମାନଙ୍କ ପ୍ରଚେଷ୍ଟା ଯୋଗୁଁ ୧୯୦୫ ମସିହାରେ ସମ୍ବଲପୁର ଓଡିଶାରେ ସାମିଲ ହେଲା।

ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବାରେ ଚନ୍ଦ୍ରଶେଖର ବେହେରାଙ୍କ ଅବଦାନ ମଧ୍ୟ ଅତୁଳନୀୟ। ସେ ସଂସ୍କାରବାଦୀ, ଜନସେବକ ଓ ଜାତୀୟ କଂଗ୍ରେସର ପରମ ଭକ୍ତ ଥିଲେ। ସମ୍ବଲପୁରକୁ ଓଡିଶାରେ ଅନ୍ତର୍ଭୁକ୍ତ କରାଇବାରେ ସେ ମଧ୍ୟ ପ୍ରବଳ ଉଦ୍ୟମ କରିଥିଲେ। କର୍ମବୀର ଗୌରୀଶଙ୍କର ଓଡିଶାର ଆଉ ଜଣେ ସୁଯୋଗ୍ୟ ସନ୍ତାନ। ସେ ୧୮୭୮ ମସିହାରେ 'ଉତ୍କଳ ସଭା' ନାମରେ ଏକ ଅନୁଷ୍ଠାନ ଗଠନ କଲେ। ଓଡିଆ ଭାଷା ଓ ସାହିତ୍ୟର ବିକାଶ କରିବା ଏହି ଅନୁଷ୍ଠାନର ଲକ୍ଷ୍ୟ ଥିଲା। ତାଙ୍କ ସମ୍ପାଦନାରେ 'ଉତ୍କଳ ଦୀପିକା' ଆତ୍ମ ପ୍ରକାଶ ଲାଭ କରି ଓଡିଆ ଭାଷା ଓ ସାହିତ୍ୟର ଉନ୍ନତି ସାଧନ କଲା। ଏହି ପତ୍ରିକା ମାଧ୍ୟମରେ ସେ ଓଡିଆବାସୀଙ୍କର ଦୁଃଖଦୁର୍ଦ୍ଦଶାକୁ ଉପସ୍ଥାପନ କଲେ। ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଏବଂ ବିଚ୍ଛିନ୍ନାଚଂଳକୁ ଏକତ୍ରୀକରଣ କରିବାରେ ଆଉ କେତେଜଣ ଯୋଗଜନ୍ମା ମଧ୍ୟ ଭୂମିକା ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ରାମଚନ୍ଦ୍ର ଦେବ, ମୟୁରଭଞ୍ଜର ରାଜା ବିକ୍ରମ ଦେବ, ଫକୀରମୋହନ ସେନାପତି, ଲିଙ୍ଗରାଜ ପାଣିଗ୍ରାହୀ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର, ବ୍ରଜସୁନ୍ଦର ଦାସ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନ୍‌ଗୋ, ଜଗବନ୍ଧୁ ସିଂହ, ରାଧାନାଥ ରାୟ ଓ ତାରିଣୀ ଚରଣ ରଥ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ। ପବିତ୍ର ଉତ୍କଳ ଦିବସରେ ଛାତ୍ରସମାଜ, ଯୁବଗୋଷ୍ଠୀ ଦେଶ ଓ ଜାତିର ଉନ୍ନତି କରିବା ପାଇଁ ସଙ୍କଳ୍ପ ନେବାଉଚିତ। ଉନ୍ନତିମୂଳକ କାର୍ଯ୍ୟ କେତୋଟି ନିର୍ଦ୍ଦିଷ୍ଟ ଜିଲ୍ଲାରେ ସୀମାବଦ୍ଧ ନ ରହି ସମଗ୍ର ଓଡିଶାର ତିରିଶଟି ଜିଲ୍ଲାରେ ବାଂଟିକରି ହେବା ବିଧେୟ। ଆଂଚଳିକ ମନୋଭାବ ପରିହାର କରି ସମଗ୍ର ରାଜ୍ୟର ଉନ୍ନତି ପରିକଳ୍ପନା କରିବା ଉଚିତ। ରାଜନୈତିକ ନେତାମାନଙ୍କ ମଧ୍ୟରେ କ୍ଷମତା କନ୍ଦଳ ଲାଗି ରହିଲେ ଆମ ରାଜ୍ୟର ଉନ୍ନତି ଅସମ୍ଭବ। ଆଜି ମଧ୍ୟ ଓଡିଶା ବାହାରେ ବହୁ ଓଡିଆ ଅବହେଳିତ ଓ ନିଷ୍ପେସିତ। ଏପରିକି ସେମାନେ ଓଡିଆ ଭାଷାରେ ଶିକ୍ଷା ପାଇବାରୁ ବଂଚିତ ହେଉଛନ୍ତି। ବିଚ୍ଛିନ୍ନାଚଂଳରେ ଭାଷା, ସଂସ୍କୃତି ଆଜି ବିପନ୍ନ ହୋଇପଡିଛି। ଏ ଦିଗରେ ଚେତନା ସୃଷ୍ଟି ହେବା ବିଧେୟ। ଆଜିର ଏ ପବିତ୍ର ଉତ୍କଳ ଦିବସରେ ଏ ଦିଗରେ ସରକାର ତଥା ଜନସାଧାରଣଙ୍କ ଚେଷ୍ଟା ଅବ୍ୟାହତ ରହିବା ବିଧେୟ।

# କ୍ଷମା ମାନବ ଜୀବନର ଶିରୋମଣି



କ୍ଷମା ମାନବ ଜୀବନର ଶିରୋମଣି ସଦୃଶ। ଏହା ସବୁଗୁଣ ମଧ୍ୟରେ ଶ୍ରେଷ୍ଠ। କ୍ଷମା ଗୁଣ ପାଇଁ ଜାତି, ଧର୍ମ, ବର୍ଣ୍ଣ ଆଦିର କିଛି ଭେଦ ବିଚାର ନାହିଁ। ଏହାର ଉତ୍ପତ୍ତି ପ୍ରେମରୁ। ଯେଉଁ ବ୍ୟକ୍ତି କ୍ଷମାଶୀଳ ସେ ସଂସାରର ଯେକୌଣସି ବଡ଼ କାମ ସାଧନ କରିପାରିବ। ଚନ୍ଦନକାଠ ଯେପରି ଘସା ହେଲେ ମଧ୍ୟ ସୁଗନ୍ଧ ବିତରଣ କରେ, ଧୂପ କାଠି ଜଳି ଗଲାବେଳେ ଗନ୍ଧ ବିତରଣ କରେ ମଲ୍ଲୀଫୁଲ ଝଡ଼ି ଗଲାବେଳେ ମଧ୍ୟ ମହକ ଖେଳାଇ ଦିଏ, ସାଧୁ ଲୋକ ସେହିପରି ଦୁଃଖରେ କଷ୍ଟରେ ଜୀବନ ବିତାଉ ଥିଲାବେଳେ ମଧ୍ୟ ନିଜର ସାଧୁତା ଓ କ୍ଷମାଗୁଣ ପ୍ରଦର୍ଶନ କରିଥାଏ। ଫଳ ଖାଇବାକୁ ହେଲେ ଗଛକୁ ରକ୍ଷା କରିବାକୁ ହେବ। ଗଛର ଡାଳପତ୍ର ସହ ଫଳର ପ୍ରତ୍ୟକ୍ଷ ସମ୍ପର୍କ ନଥିଲେ ମଧ୍ୟ ଫଳ ନିମନ୍ତେ ଏହାକୁ ରକ୍ଷା କରିବାକୁ ହେବ। ସେହିପରି ଯେଉଁମାନେ ଜ୍ଞାନ ଫଳ ଚାହାନ୍ତି ସେମାନଙ୍କୁ ତପ, ଧ୍ୟାନ, ଭଜନର ଗଛକୁ ପରିପାଳନ କରିବାକୁ ହେବ। ଏହା କଲେ ଯାଇ ମଣିଷ ନିଜର ମଣିଷ ପଣିଆ ଉପଲବ୍ଧି କରିପାରିବ। ଭୌତିକ ହେଉ ବା ଆଧାତ୍ମିକ ହେଉ, ଯେକୌଣସି କର୍ମ କରିବାକୁ ହେଲେ ଦୃଢ଼ ପ୍ରଯତ୍ନ ଦରକାର। ପ୍ରଯତ୍ନ ବିନା କିଛି ହେଲେ ସଫଳ ହେବନାହିଁ। ସାଧନାରେ ପ୍ରଥମେ ହତାଶା ଆସିପାରେ, ବିଫଳତା ଆସିପାରେ, ମାତ୍ର ସାଧନା ପରିତ୍ୟାଗ କରନା। ସାଇକେଲ ଚଢ଼ା ଶିଖିଲାବେଳେ ପ୍ରଥମେ ପ୍ରଥମେ ତଳେ ପଡ଼ି ଆହତ ହେବାର ସମ୍ଭାବନା ଥାଏ। ମାତ୍ର କ୍ରମେ ସାଇକେଲ ଚଢ଼ା ଶିଖିଗଲେ ହାତ ଛାଡ଼ି ମଧ୍ୟ ସାଇକେଲ ଚଳାଇ ହୁଏ। ସାଧନା ଅଭ୍ୟାସ କଲେ ଯାଇ ଜ୍ଞାନର ଫଳ ମିଳିବ। ସେଥିପାଇଁ ପ୍ରଯତ୍ନ ଆରମ୍ଭ କରିବାକୁ ହେବ।

ଅଭ୍ୟାସ ବଳରେ ସଂସାରରେ ଅନେକ କାମ କରାଯାଇ ପାରିବ। ପ୍ରଯତ୍ନ କଲେ ପିମ୍ପୁଡ଼ି ମଧ୍ୟ ଅନେକ ବାଟ ଚାଲିପାରେ, ଉଦ୍ୟମ ନ କଲେ ଚିଲ ଫୁଟେ ବି ଉଡି ପାରିବ ନାହିଁ। ଏଣୁ ଫଳ କର୍ମ ଦ୍ୱାରା ହିଁ ନିର୍ଦ୍ଧାରିତ ହୋଇଥାଏ। ସତକର୍ମ ନିମନ୍ତେ ସତସଙ୍ଗ ଦରକାର। ସତସଙ୍ଗର ପବିତ୍ରତା ଅନୁଭବ ଦ୍ୱାରା ବୁଝି ହେବ, ମୁହଁର କଥାରୁ ନୁହେଁ। ସଙ୍ଗ ଫଳ ତୁମକୁ ଗୌରବର ଶିଖରରେ ପହଞ୍ଚାଇ ଦେଇପାରେ କିମ୍ବା ବିନାଶର ଗଭୀରତାରେ ନିକ୍ଷେପ କରିଦେଇପାରେ। ଧୂଳି ପବନ ସଙ୍ଗ ଲାଭ କରି ଆକାଶକୁ ଉଠିଯାଏ, ମାତ୍ର ଜଳର ସଙ୍ଗ ଲାଭ କଲେ କାଦୁଅ ହୋଇ ତଳେ ବସିଯାଏ। ଧୂଳିର ଚାଲିବାକୁ ଗୋଡ଼ ନାହିଁ ବା ଉଡିବାକୁ ଡେଣା ନାହିଁ। ଉପରକୁ ଉଠିବାକୁ ବା ତଳକୁ ଖସିବାକୁ ଦାୟୀ ସଙ୍ଗ। ଖଣ୍ଡିଏ ଲୁହାକୁ ମାଟିରେ ପକାଇଲେ କିଛି ଦିନ ପରେ ସେଥିରେ କଳଙ୍କି ଲାଗିବ, ପୁଣି ସେଇ ଲୁହାକୁ ନିଆଁରେ ପକାଇଲେ ଏହାର କଳଙ୍କି ବା ଅଶୁଦ୍ଧତା ପୋଡ଼ି ଧ୍ୱଂସ ହୋଇଯାଏ। ଏଣୁ ପବିତ୍ରତା ବା ଅପବିତ୍ରତାର କାରଣ ସହବାସ ବା ସଙ୍ଗ।

ଯିଏ ତୁମର ଉପକାର କରେ ତାର ଅପକାର କରିବା, ଯିଏ ତୁମକୁ ଭଲ ପାଏ ତାକୁ ଘୃଣା କରିବା ରାକ୍ଷସ ସ୍ୱଭାବ। ଯିଏ ତୁମକୁ ଭଲ ପାଏ ତାକୁ ଭଲପାଇବା ମନୁଷ୍ୟ ସ୍ୱଭାବ, ମାତ୍ର ଯିଏ ତୁମର ଅପକାର କରେ ତାର ଉପକାର କରିବା, ଯିଏ ଘୃଣା କରେ ତାକୁ ପ୍ରେମ କରିବା, ଦୈବୀ ସ୍ୱଭାବ। ପରମାତ୍ମାଙ୍କ ସ୍ୱଭାବ କେବଳ ପ୍ରେମ। ପ୍ରେମ ଓ କ୍ଷମା ସମାନ। ଏଣୁ ପ୍ରେମ ଓ କ୍ଷମା ମଧ୍ୟରେ ଅଭିନ୍ନ ଭାବ ସମ୍ବନ୍ଧ ବିଦ୍ୟମାନ। ଶାନ୍ତ ଭାବ ଗୋଟିଏ ଭଲ ଗୁଣ। ଏହା ଆତ୍ମାର ସ୍ୱଭାବ। ଯେଉଁମାନେ ଅତି ଆଶାୟୀ ଓ ସ୍ୱାର୍ଥପର ସେମାନଙ୍କ ମନରେ ଏ ଗୁଣ ରହିବ ନାହିଁ। କେବଳ ନିର୍ମଳ ଚିତ୍ତ ଓ ନିଃସ୍ୱାର୍ଥ ଲୋକଙ୍କ ଠାରେ ଏହା ରହିପାରିବ।

ନିର୍ମଳତା ଓ ନିଃସ୍ୱାର୍ଥଭାବ ପରମାତ୍ମାଙ୍କ ଗୁଣ। ପରମାତ୍ମା ମଧ୍ୟ ବାଙ୍କମୟୀ, ଜ୍ୟୋତିର୍ମୟୀ, ଶବ୍ଦ ବ୍ରହ୍ମମୟୀ, ପରାପ୍ରମୟୀ, ଶ୍ରୀମୟୀ, ମାୟାମୟୀ, ଦୟାମୟୀ ଇତ୍ୟାଦି। ପରମାତ୍ମାଙ୍କୁ ନିର୍ଗୁଣ, ନିରଞ୍ଜନ, ସନାତନ, ନିକେତନ, ନିତ୍ୟ, ଶୁଦ୍ଧି, ବୁଦ୍ଧି ବୋଲି ବର୍ଣ୍ଣନା କରାଯାଇଛି। ପରମାତ୍ମା ଯେତେବେଳେ ମନୁଷ୍ୟ ରୂପ ଗ୍ରହଣ କରନ୍ତି, ସେତେବେଳେ ତାଙ୍କର ଦେହ ଚେତନା, କ୍ରୋଧ, ମୋହାଦି ଥିଲା ଭଳି ପ୍ରତୀୟମାନ ହୁଅନ୍ତି। ଏହା ସଂସାର ଲୋକଙ୍କ ପାଇଁ ଛଳନା ମାତ୍ର। ପ୍ରକୃତରେ ତାଙ୍କଠାରେ ଏସବୁ କିଛି ନଥାଏ।

**ଭବାଶିଷ ଦାସ**, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ପ୍ଲଟ ନଂ - ୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୮୬୧୧୧୮୬୭୩

## —ସ୍କାଉଟସ୍ ଏବଂ ଗାଇଡସ୍—

# ଉଦ୍‌ଯାପିତ ହେଲା ରୋଭର ରେଞ୍ଜର ଫିଏଷ୍ଟା



ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ଼ସ୍ ଦ୍ୱାରା ଗତ ୨୭ତାରିଖରୁ ଆରମ୍ଭ ହୋଇଥିବା ରୋଭର ରେଞ୍ଜର ଫିଏଷ୍ଟା ଗତକାଲି ସଂଧ୍ୟାରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବ ମାଧ୍ୟମରେ ଉଦ୍‌ଯାପିତ ହୋଇଅଛି। ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳି ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅଧକ୍ଷ, ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍ ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନୀତ ଅତିଥିଭାବେ ରାଜ୍ୟ ସ୍କାଉଟ ଗାଇଡ୍ ଉପସଭାପତି ତଥା ଅଧକ୍ଷା ମହିଳା କମିଶନ ଡଃ. ମିନତୀ ବେହେରା, ରାଜ୍ୟ ସ୍କାଉଟ ଗାଇଡ୍ ଉପସଭାପତି ତଥା ମାନ୍ୟବର ବିଧାୟକ (ମଧ୍ୟ) ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ଏସ୍.ଏନ୍.ଓ ଏବଂ ଡେପୁଟି ସେକ୍ରେଟାରୀ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ବେହେରା



ଯୋଗଦେଇ ପିଲାମାନଙ୍କର ବ୍ୟକ୍ତିତ୍ୱ ଏବଂ ପାଠପଢ଼ା ଉପରେ କିପରି ସୁପ୍ରବାହ ପକାଇଥାଏ, ତା'ର ବର୍ଣ୍ଣନା କରିଥିଲେ। ଫିଏଷ୍ଟାରେ ଅଧକ୍ଷତା କରି ଶ୍ରୀଯୁକ୍ତ ମିଶ୍ର କରୋନାର ପରବର୍ତୀ କାଳରେ ଏହି ଶିବିର ପିଲାମାନଙ୍କ ନିମନ୍ତେ କିପରି ଏକ ମାର୍ଗଦର୍ଶକ ଭାବରେ କାମ କରିପାରିବ ତା'ର ରୂପରେଖ ପ୍ରସ୍ତୁତି ବିଷୟରେ ବ୍ୟାଖ୍ୟା କରିଥିଲେ। ଏହି ଶିବିରରେ ଓଡ଼ିଶାର ୧୮ଟି ଜିଲ୍ଲାରୁ ୪୫୦ ରୁ ଊର୍ଦ୍ଧ୍ୱ ରୋଭର, ରେଞ୍ଜର, ରୋଭର ସ୍କାଉଟ ଲିଡର, ରେଞ୍ଜର ଲିଡର ଯୋଗ ଦେଇ ଫିଏଷ୍ଟାର ବିଭିନ୍ନ ଦିବସରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମ ଯଥା ଫୁଡ୍ ଅଫ ଓଡିଶା, ଶାରୀରିକ କ୍ରୀଡ଼ା କୌଶଳ, ଫେଷ୍ଟିଭାଲ ଅଫ ଷ୍ଟେଟ୍, ଷ୍ଟ୍ରିଟ୍ ପ୍ଲେ ଅନ୍ ଜେଣ୍ଡର ବାଏସ, ହିଟ୍ ଦ ଡ୍ୟାନ୍ସ ଫ୍ଲୋର, ର୍ୟାମ୍ପ ୱାକ୍, କୌତୁକ ପୋଷାକ ପରିଧାନ, ଯୋଗାସନ, ବିପି କ୍ରୀଡ଼ା କୌଶଳ ପ୍ରଭୃତି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ପ୍ରଦର୍ଶନ ସହିତ ସେମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ଶିବିର ବିଭିନ୍ନ ଦିବସରେ ଓଡିଶା ସ୍କାଉଟସ୍ ଏବଂ ଗାଇଡସ୍‌ର ଉପସଭାପତି ତଥା ମାନ୍ୟବର ବିଧାୟକ (ଉତ୍ତର) ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ, ଡିସିପି ଟ୍ରାଫିକ୍ ଏସ୍. ସୁଶ୍ରୀ ପ୍ରଭୃତି ଯୋଗ ଦେଇ ପିଲାମାନଙ୍କୁ ଟ୍ରାଫିକ୍ ନିୟମ ମାନି କିପରି ଗାଡି ଚଳାଇବେ ଏବଂ ଆମ ରାଜ୍ୟରୁ କିପରି ଦୁର୍ଘଟଣା ଜନିତ ମୃତ୍ୟୁହାର କମିପାରିବ ତାହା ଉପରେ ଏକ ଅଭିନୟ ମାଧ୍ୟମରେ ସଚେତନତା କରାଯାଇଥିଲା। ରାଜ୍ୟ ସଂଗଠନ କମିଶନର (ଗାଇଡ୍) ଏବଂ ଆଡିମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀମତୀ ଅନାମିକା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ମିହିର ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଶିବିର ପରିଚାଳିତ ହୋଇଥିଲା। ରାଜ୍ୟ କୋଷାଧ୍ୟକ୍ଷ ଶ୍ରୀ ଭବାନୀ ପ୍ରସାଦ ମିଶ୍ର, ରାଜ୍ୟ ସ୍କାଉଟ୍ ତାଲିମ କମିସନର ଶ୍ରୀ ସୁରଜିତ ସେନ, ରାଜ୍ୟ ଗାଇଡ୍ ତାଲିମ କମିସନର ପ୍ରିୟଦର୍ଶିନୀ ମହାପାତ୍ର ଓ ରାଜ୍ୟ ମୁଖ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରଭୃତି ସହଯୋଗ କରିଥିଲେ। ପରିଶେଷରେ ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକାର୍ଯ୍ୟ ଶେଷରେ ଫିଏଷ୍ଟାରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ହାସଲ କରିଥିବା ଜିଲ୍ଲା ଏବଂ ରୋଭର, ରେଞ୍ଜରମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଫଳକ ପୁରସ୍କୃତ କରାଯାଇଥିଲା।






# ଶୂନ୍ୟ ପ୍ରଦୂଷଣ ପାଇଁ ପଞ୍ଚସୂତ୍ରୀ ଉପାୟ

ଡ.ଇଂ.ସଞ୍ଜୟ କୁମାର ପଣ୍ଡା

ଆଧୁନିକ ସମାଜରେ ବୈଜ୍ଞାନିକ ଚିନ୍ତାଚେତନାକୁ ପରିବର୍ଦ୍ଧିତ କରି ମାନବ ନୂତନ ବ୍ରହ୍ମାଣ୍ଡ ସୃଷ୍ଟି ପାଇଁ ଯେତିକି ଉଦ୍ଧାମତା ପ୍ରକାଶ କରୁଛି, ତାର ଅଜ୍ଞତା କିମ୍ବା ପରୋକ୍ଷ ଜ୍ଞାତସାରରେ ବିକାଶ ନାମରେ ବିନାଶର ଗତିକୁ ସମଭାବେ କ୍ଷୀପ୍ରତର କରୁଛି। ବ୍ରହ୍ମାଣ୍ଡରେ ଉପଲବ୍ଧ ପ୍ରାକୃତିକ ସମ୍ପଦକୁ ପୂର୍ଣ୍ଣମାତ୍ରାରେ ବିନିଯୋଗ କରି ନିଜକୁ ଜ୍ଞାନୀ ଓ ବିକାଶପୁରୁଷ ମନେ କରୁଥିବା ବେଳେ ପ୍ରକୃତିକୁ ଅଣଦେଖା କରିବା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଚିନ୍ତାର ବିଷୟ। ବୈଜ୍ଞାନିକ ଧୀମତାକୁ କେବଳ ବିକାଶ ସର୍ବସ୍ୱ ଚିନ୍ତାକରି ପଞ୍ଚଭୂତକୁ ଅସନ୍ତୁଳିତ କରିବାର ପରିଣାମ କ୍ରମଶଃ ସମାଜରେ ଅନୁଭୂତ ହେବାର ପ୍ରାରମ୍ଭିକ ପର୍ବ ଦୃଶ୍ୟମାନ ହେଲାଣି। ପ୍ରକୃତିର ସମ୍ଭାର ସର୍ବଦା ଅକ୍ଷୟ ହୋଇ ନ ପାରେ। ଅକ୍ଷୟ ଶକ୍ତି ବ୍ୟତିରେକ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ ଆଗାମୀ କିଛି ଦଶନ୍ଧିରେ ବିଲୁପ୍ତ ହୋଇଯିବ। ତେଣୁ ପ୍ରକୃତିର ସଦୁପଯୋଗ, ସନ୍ତୁଳିତ ବ୍ୟବହାର ଓ ଆଗାମୀ ପିଢ଼ି ପାଇଁ ପ୍ରାକୃତିକ ସମ୍ବଳର ସଂରକ୍ଷଣ ସାମ୍ପ୍ରତିକ ପରିସ୍ଥିତିରେ ଏକ ବୃହତ ଆହ୍ୱାନ ରୂପେ ପ୍ରତୀୟମାନ ହେଉଛି। ଆଧୁନିକ ବିକାଶ ପରମ୍ପରା ହେତୁ ବର୍ଜ୍ୟବସ୍ତୁ ନିଷ୍କାସନ ଏକ ଅବଶ୍ୟମ୍ଭାବୀ ପ୍ରକ୍ରିୟା। କିନ୍ତୁ ଏହାର ସଫଳ ପରିଚାଳନାର ଅଭାବରେ ପୃଥିବୀ ଯଥେଷ୍ଟ ମାତ୍ରାରେ ପ୍ରଦୂଷିତ, ଯାହା ଅତ୍ୟନ୍ତ ଚିନ୍ତାର ବିଷୟ।

ସମଗ୍ର ପୃଥିବୀରେ ଅଧୁନା ପ୍ରତିବର୍ଷ ୨.୧ ବିଲିୟନ୍ ଟନ୍ ସହରୀ କଠିନ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଥିବା ବେଳେ ଏହି ଧାରା ଜାରି ରହିଲେ ୨୦୫୦ମସିହା ସୁଦ୍ଧା ଏହା ୭୫ପ୍ରତିଶତ ବୃଦ୍ଧି ପାଇ ୩.୮ ବିଲିୟନ୍ ଟନ୍‌ରେ ପହଂଚିବାର ଆକଳନ କରାଯାଇଛି। ସମଗ୍ର ଭାରତରେ ପ୍ରତିବର୍ଷ ହାରାହାରି ୬୨ ନିୟୁତ ଟନ୍ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଥିବା ବେଳେ କେବଳ ୪୩ ନିୟୁତ ଟନ୍ ସଂଗୃହୀତ ଓ ପରିଚାଳିତ ହେଉଛି। ଅବଶିଷ୍ଟ ୩୦ପ୍ରତିଶତ ଅର୍ଥାତ୍ ୩୧ ନିୟୁତ ଟନ୍ ବର୍ଜ୍ୟବସ୍ତୁ ପରିବେଶ ପ୍ରଦୂଷଣ ସୃଷ୍ଟି କରୁଛି। ୨୦୫୦ ମସିହା ସୁଦ୍ଧା ଅସଂଗୃହୀତ ବର୍ଜ୍ୟବସ୍ତୁ ପରିମାଣ ୪୩୬ ନିୟୁତ ଟନ୍‌ରେ ପହଂଚିବ ବୋଲି ଆକଳନ କରାଯାଇଛି, ଯାହାକି ଅତ୍ୟନ୍ତ ଚିନ୍ତାଜନକ।

କଠିନ ବର୍ଜ୍ୟବସ୍ତୁର ଅସଫଳ ପରିଚାଳନା ହେତୁ ମୃତିକା ପ୍ରଦୂଷିତ ହେବା ସହ ଏହାର ଉର୍ବରତା କ୍ରମଶଃ ହ୍ରାସ ପାଉଛି। ପ୍ଲାଷ୍ଟିକ ମୃତିକାରେ ପଚିଶଢ଼ି ପାରୁ ନ ଥିବାରୁ ଏଥିରୁ ନିର୍ଗତ 'ଡାଇଇଥାଇଲ୍ ହାଇଡ୍ରୋକ୍ସିଲାମିନ୍' ନାମକ ରସାୟନିକ ପଦାର୍ଥ ଯକୃତ ରୋଗ, ଓଜନ ହ୍ରାସ, ପ୍ରଜନନ କ୍ଷମତା ହ୍ରାସ, କର୍କଟ ରୋଗ ଆଦି ସୃଷ୍ଟି କରେ। ମୁକ୍ତ ପ୍ରାଙ୍ଗଣରେ ବର୍ଜ୍ୟବସ୍ତୁ ଜ୍ୱଳନ ହେତୁ ଏଥିରୁ ନିର୍ଗତ ପ୍ରଦୂଷିତ ବାଷ୍ପ ବାୟୁ ପ୍ରଦୂଷଣ କରିବା ସହ ବିଭିନ୍ନ ରୋଗ ସୃଷ୍ଟି କରେ। ବର୍ଷା ହେଲେ ମୁକ୍ତ ବର୍ଜ୍ୟବସ୍ତୁ ଦ୍ୱାରା ନିର୍ଗତ ଗ୍ୟାସ ଦ୍ୱାରା ଅମ୍ଳବର୍ଷା ହୁଏ, ଯାହା ପୃଥିବୀର ଉଦ୍ଭିଦ ଓ ପ୍ରାଣିଜଗତ ପ୍ରତି ବିପଦ ସୃଷ୍ଟି କରେ।

ତେଣୁ ପ୍ରକୃଷ୍ଟ ବର୍ଜ୍ୟବସ୍ତୁ ପରିଚାଳନା କରିବା ପାଇଁ '୫-ଆର' ପଦ୍ଧତି ଅବଲମ୍ବନ ବିଧେୟ। ଯଥା ରିଫ୍ୟୁଜ୍ (ବାରଣ କରିବା), ରିଡ୍ୟୁସ୍ (କମ୍ ବ୍ୟବହାର), ରିୟୁଜ୍ (ପୁନଃ ବ୍ୟବହାର), ରିସାଇକେଲ୍ (ପୁନଃ ପ୍ରକ୍ରିୟାକରଣ), ରିକଭର (ସଂରକ୍ଷଣ)। ପ୍ରତ୍ୟେକ ଗୃହରେ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁକୁ ବର୍ଗୀକରଣ କରି ସଫଳ ନିଷ୍କାସନ ପ୍ରକ୍ରିୟାରେ ସରକାରଙ୍କୁ ସହଯୋଗ କରିବା ବିଧେୟ। ଜୈବିକ ବର୍ଜ୍ୟବସ୍ତୁକୁ ଭର୍ମି କମ୍ପୋଷ୍ଟିଙ୍ଗ୍ ମାଧ୍ୟମରେ ଜୈବିକ ସାର ପ୍ରସ୍ତୁତ କଲେ କ୍ଷୁଦ୍ର ଉଦ୍ୟାନରେ ବ୍ୟବହାର କରାଗଲେ ପ୍ରଦୂଷଣ ମାତ୍ରା ହ୍ରାସ ପାଇବ। ସରକାରୀ ରିହାତି, ସାଧାରଣ ଜନତା ଜାଗରଣ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ପ୍ରଦୂଷଣ ମୁକ୍ତି ସଂଗ୍ରାମ ପାଇଁ ଅନିର୍ବାଯ୍ୟ। ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ଜିପିଏସ୍ ଓ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ମାଧ୍ୟମରେ ମଧ୍ୟ ପ୍ରଦୂଷଣ ସମସ୍ୟାରୁ ଅନେକାଂଶରେ ନିସ୍ତାର ମିଳିବ।

ଭାରତରେ ଆନୁମାନିକ ୭୦ ପ୍ରତିଶତ ଭୂପୃଷ୍ଠ ଜଳ ପ୍ରଦୂଷିତ ହେବା ସହ ପାନୀୟ ଅଯୋଗ୍ୟ ଥାଏ। ପ୍ରତ୍ୟେକ ଦିନ ଅନ୍ୟୁନ ୪୦ ନିୟୁତ ଲିଟର ପ୍ରଦୂଷିତ ଜଳ ନଦୀ, ନାଳ, ପୋଖରୀ, ହ୍ରଦ ଆଦିରେ ପ୍ରବେଶ କରୁଥିବାରୁ ଏହା ମଧ୍ୟମବର୍ଗ ପରିବାର ପାଇଁ ଏକ ବିପଦ। ଦେଶର ସାମଗ୍ରିକ ଘରୋଇ ବିକାଶ ହାରର ଏହା ହେତୁ ପ୍ରାୟତଃ ୫୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରଭାବିତ ହୁଏ। ପ୍ରାୟତଃ ୧୬ ପ୍ରତିଶତ କୃଷି ହ୍ରାସ ପାଇଥାଏ। ଅତଏବ ଜଳ ବିଶୋଧନ ବ୍ୟବସ୍ଥା ଏକମାତ୍ର ବିକଳ୍ପ। କାରଖାନା ଜଳ ଓ ମଳ ପାଣିକୁ ବିଶୋଧନ କରାଯିବା ସହ ଏହାକୁ କୃଷି କ୍ଷେତ୍ରରେ ଓ ପୁନଃ ଶିଳ୍ପରେ ବ୍ୟବହାର କରାଯିବା ଉଚିତ୍। ଧର୍ମୀୟ ଭାବନା ସହିତ ଜଡ଼ିତ ଗଙ୍ଗା, ଯମୁନା, ମହାନଦୀ ଆଦିଙ୍କୁ ସର୍ବଦା ଜନଜାଗରଣ ମାଧ୍ୟମରେ ପରିଷ୍କାର ରଖାଯିବା ବିଧେୟ। ଗ୍ରାମୀଣ ଜଳ ଭଣ୍ଡାରରେ ୟୁଟ୍ରିଫିକେସନ୍ ହେତୁ ସୃଷ୍ଟି ହେଉଥିବା ଜଳ ପ୍ରଦୂଷଣରୁ ମୁକ୍ତି ପାଇଁ ଜଳରୁ ଉଦ୍ଭିଦକୁ ମୂଳୋତ୍ପାଟନ କରିବା ସହ ବିଶୋଧନ ବିଧେୟ। ଜଳ ବିଶୋଧିତ ହେଲେ ଜଳଜ ପ୍ରାଣୀଙ୍କ ବୃଦ୍ଧି ଘଟିବା ସହ ପରିବେଶ ସନ୍ତୁଳିତ ହୋଇପାରିବ।

ବାୟୁ ପ୍ରଦୂଷଣ ଏକ ପ୍ରମୁଖ ସମସ୍ୟା ରୂପରେ ସାରା ବିଶ୍ୱକୁ କବଳିତ କରିବାକୁ ଲାଗିଲାଣି। ସାରା ବିଶ୍ୱରେ ଚୀନ ଗ୍ରୀନ୍ ହାଉସ ବାୟୁ ପ୍ରଦୁଷଣରେ ପ୍ରଥମ ସ୍ଥାନରେ ଥିବା ବେଳେ ଯୁକ୍ତରାଷ୍ଟ୍ର ଆମେରିକା ଜନସଂଖ୍ୟା ଓ ପ୍ରଦୂଷଣ ଅନୁପାତରେ ପ୍ରଥମ ଅଟେ। ୨୦୧୫ ପ୍ୟାରିସ ଚୁକ୍ତି ଅନୁଯାୟୀ ଦେଶମାନେ ବିଶ୍ୱ ତାପମାତ୍ରା ବୃଦ୍ଧି ପରିମାଣକୁ ହ୍ରାସ କରିବା ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ତାହା ଏବେ ସୁଦୂର ପରାହତ ହେବାରେ ଲାଗିଲାଣି। ବର୍ତ୍ତମାନ ଓଡ଼ିଶାର ହାରାହାରି ତାପମାତ୍ରା ୪୪ ଡିଗ୍ରୀ ପାର ହୋଇ ଏସିଆରେ ପ୍ରଥମ ହେବା ଅତ୍ୟନ୍ତ ଗମ୍ଭୀର ବିଷୟ। ବାୟୁ ପ୍ରଦୂଷଣର ମାତ୍ରା ବଢ଼ିବା ହେତୁ ପ୍ରତିବର୍ଷ ୬.୭ ନିୟୁତରୁ ଅଧିକ ଅକାଳ ମୃତ୍ୟୁ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅନୁଶୀଳନ ଅନୁଯାୟୀ ୯୯ ପ୍ରତିଶତ ଲୋକ ପ୍ରଦୂଷିତ ବାୟୁ ପରିବେଶରେ ବସବାସ କରନ୍ତି। ପ୍ରଦୂଷଣ ହେତୁ ସାଧାରଣତଃ କର୍କଟ, ଯକୃତ, ଫୁସ୍‌ଫୁସ୍, ହୃଦୟ, ବୃକକ୍ ରୋଗ ବୃଦ୍ଧି ପାଇ ଧନଜୀବନ ନଷ୍ଟ ହୁଏ।

ବାୟୁ ପ୍ରଦୂଷଣ ମୁଖ୍ୟତଃ ଜୀବାଶ୍ମ ଇନ୍ଧନ, ଶିଳ୍ପଦ୍ୱାରା ପ୍ରଦୂଷଣ ନିଷ୍କାସନ, ଜଙ୍ଗଲ ନିଆଁ, ଅନ୍ତର୍ଗୃହ ପ୍ରଦୂଷଣ, ପରିବହନ, ବର୍ଜ୍ୟବସ୍ତୁର ମୁକ୍ତାକାଶରେ ଦହନ, ସୂକ୍ଷ୍ମ ଜୈବିକ କ୍ଷୟ, ନିର୍ମାଣ ଓ ଭଗ୍ନକାର୍ଯ୍ୟ, କୃଷିକାର୍ଯ୍ୟ, ରସାୟନିକ ଉତ୍ପାଦ ଆଦି ବିଭିନ୍ନ ପ୍ରକ୍ରିୟା ଦ୍ୱାରା ବୃଦ୍ଧି ପାଇଥାଏ। ପରିବହନ ଓ ଶିଳ୍ପକ୍ଷେତ୍ରରୁ ପ୍ରଦୂଷଣ ନିର୍ଗତ ହୋଇ ଅମ୍ଳ ବର୍ଷାରେ ସହାୟକ ହୁଏ। ଏହାଦ୍ୱାରା ବିଶ୍ୱ ତାପମାତ୍ରା ବୃଦ୍ଧି ପାଇବା ସହ ଓଜୋନ ସ୍ତରରେ ଛିଦ୍ର ସୃଷ୍ଟି ହୁଏ। ପୁନଶ୍ଚ ଶୀତଳ ଯନ୍ତ୍ର, ବାତାନୁକୁଳ ଯନ୍ତ୍ରର ବ୍ୟବହାର ହେତୁ କ୍ଲୋରଫ୍ଲୁରୋ କାରବନ୍ ନିର୍ଗତ ହେବାରୁ ଓଜୋନ ସ୍ତର ଦୁର୍ବଳ ହେଉଛି। ଫଳରେ ସୂର୍ଯ୍ୟର ପ୍ରକୋପ ବୃଦ୍ଧି ପାଇବା ସହ ଅତିବାଇଗଣୀ ରଶ୍ମି ପ୍ରବାହ ବୃଦ୍ଧି ପାଇ ଚର୍ମ, ଚକ୍ଷୁ ଆଦି ରୋଗ ବୃଦ୍ଧି ପାଉଛି। ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ଧାର୍ମିକ ଅନୁଷ୍ଠାନ, ସମୁଦ୍ର ତଟ, ବ୍ୟବସାୟିକ ଅନୁଷ୍ଠାନ ଆଦିରେ ପ୍ଲାଷ୍ଟିକର ବହୁଳ ବ୍ୟବହାର ବାୟୁ ପ୍ରଦୂଷଣର ଆଉ ଏକ ପ୍ରମୁଖ କାରଣ। ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବାୟୁ ପ୍ରଦୂଷଣରେ ପ୍ରମୁଖ ଭୂମିକା ଗ୍ରହଣ କରେ। ଏବେ ପ୍ଲାଷ୍ଟିକର ବ୍ୟବହାରରେ ଶକ୍ତି ଉତ୍ପନ୍ନ କରିବାର ଜ୍ଞାନକୌଶଳ ଉଦ୍ଭାବନ କରିବା ଏକ ଆହ୍ୱାନ। ପ୍ଲାଷ୍ଟିକ ତତ୍ୱକୁ ବିଭାଜନ କରିବା କୌଶଳକୁ ତ୍ୱରାନ୍ୱିତ କରି ବିଭିନ୍ନ ବୋତଲ, ମୁଣା ଆଦି ଦ୍ରବ୍ୟ ପ୍ରସ୍ତୁତ କରିବା ଆବଶ୍ୟକ। ପ୍ଲାଷ୍ଟିକର ପୁନଃ ପ୍ରସ୍ତୁତିକରଣ ହୋଇ ଏହା ସୌନ୍ଦର୍ଯ୍ୟ ବସ୍ତୁ ନିର୍ମାଣରେ ବ୍ୟବହାର କରିବା କଥା। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥାନ (ଆଇଏଇଏ) ଅନୁଶୀଳନ ଅନୁଯାୟୀ ୨୦୫୦ ମସିହା ବେଳକୁ ସମୁଦ୍ରରେ ମତ୍ସ୍ୟ ତୁଳନାରେ ପ୍ଲାଷ୍ଟିକ ଅନୁପାତ ଅଧିକ ଦୃଶ୍ୟମାନ ହେବ।

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ। ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି। ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି।

## ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା। ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି। ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି। ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା। ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି। ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ। କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି। ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି। ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି। କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି। ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି।

## ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି। ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି। ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି। ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା। ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା। ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ- କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ। ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି। ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି। ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି। ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା।

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି। ଭାରତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡିନାହିଁ। ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି। ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧ୍ୟାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି। ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି। ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍‌ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି।

## କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି। ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି। ତେବେ କେତେକ ମୃଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି। ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା। ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ାୟତ ସମେତ ମଳଦା,ପୁଳଝର,କୁମୁଣ୍ଡି,ଶୁଆକାଟୀ,ବାଂଶପାଳ ଆଦି ପ ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ। ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା। ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ। ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୁଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା। ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଅନେକ ସମୟରେ ମିଥ୍ୟା ଓ ଭି ିହୀନ ଅଭିଯୋଗ କରି କାରଖାନା କ ୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉେ ଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି। ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି। କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ। ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି। ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ, ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

## ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା। ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାଉନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

MAHARISHI PUBLIC SCHOOL
2025-2026
ADMISSION OPEN
Maharishi Public School, Baripada



STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Friday February 21 | ଭୁବନେଶ୍ୱର | ଶୁକ୍ରବାର, ଫେବୃଆରୀ ୨୧,୨୦୨୫ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

## ରାଜଭବନରେ ଅରୁଣାଚଳ ପ୍ରଦେଶ ଓ ମିଜୋରାମ ରାଜ୍ୟର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, (ପି.ଏନ): ବିବିଧତାରେ ଏକତା ଭାରତର ବିଶେଷତ୍ୱ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି । ଆଜି ଅପରାହ୍ନରେ ରାଜଭବନର ନ୍ୟୁ ଅଭିଷେକ ହଲ୍ ଠାରେ ଅରୁଣାଚଳ ପ୍ରଦେଶ ଓ ମିଜୋରାମ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟପାଳ ଏହା କହିଛନ୍ତି । ଏକ ଉତ୍ସବ ମୁଖରିତ ପରିବେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଅରୁଣାଚଳ ପ୍ରଦେଶ ଓ ମିଜୋରାମ ରାଜ୍ୟର ଅଧିବାସୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସୁଖ ସମୃଦ୍ଧି କାମନା କରିଥିଲେ । ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ବିବିଧତା ଆମ ଗୌରବ । ଏପରି କାର୍ଯ୍ୟକ୍ରମ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ସୁଦୃଢ଼ କରୁଅଛି ଏବଂ ବିବିଧ ସାଂସ୍କୃତିକ ପରଂପରା ଓ ଆକାଂକ୍ଷାକୁ ଏକ ଜାତୀୟ ପରିଚୟରେ ଏକତ୍ରିତ କରୁଛି । ମାନ୍ୟବର ରାଷ୍ଟ୍ରପତି ଓ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ରାଜଭବନରେ ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ପରସ୍ପର ମଧ୍ୟରେ ଖୁସି ଓ ଆନନ୍ଦ ବାଣ୍ଟିବାର ପର୍ବ ଯାହା ଆମର ରାଷ୍ଟ୍ରୀୟ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରାଉଛି ବୋଲି ରାଜ୍ୟପାଳ କହିଥିଲେ । ଏତଦ୍‌ବ୍ୟତୀତ ଓଡ଼ିଶାରେ ଶିକ୍ଷା ଲାଭ କରୁଥିବା ଅରୁଣାଚଳ ପ୍ରଦେଶ ଓ



ମିଜୋରାମ ରାଜ୍ୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜ୍ଞାନର ସଂପର୍କ ସେତୁ ନିର୍ମାଣ ଓ କର୍ମକ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷମାନଙ୍କ ଓଡିଶାର ବୌଦ୍ଧିକ ଓ ସାଂସ୍କୃତିକ ବିକାଶରେ ଅଂଶ ଗ୍ରହଣ ଓ ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ପୁଣି ରାଜ୍ୟପାଳ କହିଥିଲେ ଯେ ଦେଶର ଉତ୍ତର ପୂର୍ବାଂଚଳ କେବଳ ଏକ ଭୌଗଳିକ ଭୂଖଣ୍ଡ ନୁହେଁ ବରଂ ପରଂପରା, ଉତ୍କର୍ଷ କଳା ଓ ଗଭୀର ମୂଲ୍ୟବୋଧର ଗଂାଘର । ଏହା ଏପରି ଏକ ଭୂମି ଯେଉଁଠାରେ ପ୍ରକୃତି ଏବଂ ସଂସ୍କୃତି ସହବସ୍ଥାନ କରନ୍ତି ଏବଂ ଏଠାରେ ଗୋଷ୍ଠୀ ଓ ଆତ୍ମ ନିର୍ଭରଶୀଳତାର ଆତ୍ମା ବିକଶିତ ହୋଇଥାଏ । ରାଜ୍ୟପାଳ ଡ. କମ୍ଭମ୍ପାଟି ଓଡ଼ିଶା ଆସିବା ପୂର୍ବରୁ ମିଜୋରାମର ରାଜ୍ୟପାଳ ଥିବା ବେଳର ସ୍ମୃତି ରୋମନ୍ଥନ କରିଥିଲେ ଏବଂ ଉତ୍ତର ପୂର୍ବାଂଚଳର ସୌନ୍ଦର୍ଯ୍ୟ ଓ ସମୃଦ୍ଧ ଐତିହ୍ୟର ପ୍ରଶଂସା କରିଥିଲେ । ଅରୁଣାଚଳ ପ୍ରଦେଶକୁ 'ଉଦିତ ସୂର୍ଯ୍ୟର ଭୂମି' ବୋଲି କୁହାଯାଏ । ସେଠାକାର ପ୍ରକୃତିର ମହିମା ଏବଂ ଦେଶର ସମୃଦ୍ଧ ଜନଜାତି ପରଂପରାର ଝଲକ ଦେଖାଯାଏ । ଉଭୟ ଅରୁଣାଚଳ ପ୍ରଦେଶ ଓ ମିଜୋରାମ ରାଜ୍ୟର ମନୋରମ ଭୂଦୃଶ୍ୟ, ବିବିଧତାରେ ଭରପୁର ଉଭିଦ ଓ ପ୍ରାଣୀ, ଅନନ୍ୟ ପରଂପରା ପାଇଁ ବାସ୍ତବରେ ଏହି ଦୁଇ ରାଜ୍ୟ ଉତ୍ତର ପୂର୍ବ ଭାରତର ଅଷ୍ଟଲକ୍ଷ୍ମୀଙ୍କ ଆତ୍ମାର ପ୍ରତୀକ ସାଜିଛି ବୋଲି ରାଜ୍ୟପାଳ କହିଥିଲେ । ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜଭବନରେ ଉଭୟ ରାଜ୍ୟର ଅଧିବାସୀ / ପ୍ରତିନିଧିଙ୍କ ଉପସ୍ଥିତ ଏକ ଭାରତ ଶ୍ରେଷ୍ଠ ଭାରତର ପ୍ରକୃତ ସାରକୁ ଦର୍ଶାଉଛି । ଏହି ପରଂପରାର ତତ୍ତ୍ୱାବଧାରକ ଭାବେ ରାଜଭବନ ଆମକୁ ଏକତ୍ରିତ କରିବା, ବିବିଧତାକୁ ସମ୍ମାନିତ କରିବାରେ ଗର୍ବ ଅନୁଭବ କରେ । ଓଡ଼ିଶାରେ କିପରି ବିଭିନ୍ନ ଅଂଚଳର ଗୋଷ୍ଠୀ / ସଂପ୍ରଦାୟ ଏକାଠି ହୁଅନ୍ତି, ଶିକ୍ଷ-ସହଯୋଗ ଓ ପାରସ୍ପରିକ ବୁଝାମଣାକୁ ପ୍ରୋସାହିତ କରାଯାଏ ତାହା ନିହାତି ଭାବେ ଉତ୍ସାହ ଜନକ ବୋଲି ରାଜ୍ୟପାଳ କହିବା ସହିତ ଆମର ସେହି ସଂପର୍କ, ବିବିଧତାରେ ଏକତା ଭାବନାକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ମିଜୋରାମ ରାଜ୍ୟର ରାଜ୍ୟପାଳ ଜେନେରାଲ ଡ. ବିଜୟ କୁମାର ସିଂହଙ୍କ ଶୁଭେଚ୍ଛା ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଅରୁଣାଚଳ ପ୍ରଦେଶ ଓ ମିଜୋରାମ ରାଜ୍ୟର ବ୍ୟକ୍ତି ବିଶେଷ, ଛାତ୍ରଛାତ୍ରୀମାନେ ନିଜ ନିଜ ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ ଏବଂ ମହାନତା ସଂପର୍କରେ ଅବତାରଣା କରିବା ସହିତ ଓଡ଼ିଶା ସହ ତାଙ୍କ ରାଜ୍ୟର ଅତୁଟ ସଂପର୍କ ଏବଂ ଓଡ଼ିଶାର ବିଶେଷତ୍ୱ ସଂପର୍କରେ ଅଭିଜ୍ଞତା ଓ ଉପଲବ୍ଧି ବାଂଟିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାରେ ଅଧ୍ୟୟନ କରୁଥିବା ଅରୁଣାଚଳ ପ୍ରଦେଶ ଓ ମିଜୋରାମର ଛାତ୍ରଛାତ୍ରୀମାନେ ବିବିଧତାରେ ଏକତା ଉପରେ ଆଧାରିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ରମାଦେବୀ ବିଶ୍ୱ ବିଦ୍ୟାଳୟର ଛାତ୍ରୀ, ସେଞ୍ଚୁରିଅନ ୟୁନିଭରସିଟ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଂଟର ଛାତ୍ରଛାତ୍ରୀ ତଥା ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ସଂକଳ୍ପ ଯାତ୍ରା ତୃତୀୟ ଦିନରେ ପୁରୀ ବଡ଼ଦାଣ୍ଡରେ ସମାପନା ହେଲା

ଭୁବନେଶ୍ୱର, (ପି.ଏନ): ଆଜି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ସଂକଳ୍ପ ପଦଯାତ୍ରା ଚନ୍ଦନପୁର ଠାରୁ ଦିନ ୧୦ ଘଟିକା ସମୟରେ ଆରମ୍ଭ ହେଲା । ଏହି ପଦଯାତ୍ରାରେ ଓଡ଼ିଶା ପ୍ରଭାରୀ ଶ୍ରୀ ଅଜୟ କୁମାର ଲଲ୍ଲୁ ଏବଂ ଅଖିଳ ଭାରତ କଂଗ୍ରେସ କମିଟିର ଓଡ଼ିଶା ସହ ପ୍ରଭାରୀ ରୋଜାଲୀନି ତିର୍କୀ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ୍, ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନିପତି, ବିଧାୟକ ଅଶୋକ ଦାସ, ଦାଶରଥି ଗମାଙ୍ଗ, ମଙ୍ଗୁ ଖିଲ, ପବିତ୍ର ସାଉଂଟା, ଆପାଲା ସ୍ୱାମୀ କାଡରେକା, ସାଗର ଦାସ, ବରିଷ୍ଠ କଂଗ୍ରେସ ନେତା ଉମାବଲ୍ଲଭ ରଥ, ଦେବାଶିଷ ପଟ୍ଟନାୟକ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ଜିଲ୍ଲା ସଭାପତି ବିଶ୍ୱଜିତ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ବାଲେଶ୍ୱର ଜିଲ୍ଲା ସଭାପତି ସଂଜିବ ଗିରି, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଅଶିତ ପଟ୍ଟନାୟକ, ନଳିନୀ ମହାନ୍ତି, ଯାଜପୁର ଜିଲ୍ଲା ସଭାପତି ମନୋଜ ରାଉତ, ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ୟାସିର ନୱାଜ, ଗୋପନ ମାର୍ଥା, ସୁଦିପ ସାମଲ, ଛାତ୍ର କଂଗ୍ରେସ



ସଭାପତି ଉଦିତ ପ୍ରଧାନ, ପଦ୍ମାକର ଗୁରୁ, ଆଲୋକ ଦାସ, ଗୋପାଳଚନ୍ଦ୍ର ଖୁଂଟିଆ, ରାଜେଶ ମହାପାତ୍ର, ବିଷ୍ଣୁ ପ୍ରସାଦ ମିଶ୍ର, ସତ୍ୟବ୍ରତ ନାୟକ, ସନ୍ତୋଷ ନନ୍ଦ, ନଳିନ ପ୍ରଧାନ, ଗଣେଶ୍ୱର ଦାସ,ବିନୋଦ ପ୍ରଧାନ, ସ୍ମୃତିରଞ୍ଜନ ସ୍ୱାଇଁ, ଅଭିନାଶ ମିଶ୍ର, ଦାମୋଦର ପ୍ରଧାନ, ପର୍ଶୁରାମ ପ୍ରଧାନ, ଉମାପଦ ମିଶ୍ର, ରାମଚନ୍ଦ୍ର ସାହୁ, ପ୍ରତାପ ନାୟକ, ପୟା ଜେନା, ଗଙ୍ଗାଧର ପ୍ରଧାନ, ପ୍ରବିର ପ୍ରଧାନ, କେତନ ମିଶ୍ର, ଲଲାଟେନ୍ଦୁ ଦାସ, ଅମରେନ୍ଦ୍ର ପାଇକରାୟ, ସୁଦିପ ମହାପାତ୍ର, ଛବିନ୍ଦ୍ର ପଡ଼ିଆରୀ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନପତି, ପ୍ରାଚୀ ରାଉତରାୟ, ନିଶିକାନ୍ତ ମିଶ୍ର, ସସ୍ମିତା ବେହେରା, ଜୟଶ୍ରୀ ପାତ୍ର, ସୋନାଲି ସାହୁ, ଶ୍ରୀୟାସ୍ମିତା ପଣ୍ଡା, ଶ୍ରୀୟା ମହାନ୍ତି, ଯବାମଣି ଟୁଡୁ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ । ସଂକଳ୍ପ ପଦଯାତ୍ରା ଦିନ ୨.୩୦ ମିନିଟ୍ ସମୟରେ ଅଠରନଳା ପାଖରେ ପହଂଚିଲା । ସେଠାରେ ଥିବା ଶ୍ରୀ ହରି ଭିଲାରେ ପଦଯାତ୍ରୀମାନେ ମଧ୍ୟାହ୍ନ ଭୋଜନ କରିବା ସହିତ ବିଶ୍ରାମ ନେଲେ । ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା ଦିନ ୪.୧୫ ମିନିଟ ସମୟରେ ଆରମ୍ଭ ହେଲା । ହଜାର ହଜାର ପୁରୀ ଜିଲ୍ଲାରେ କଂଗ୍ରେସ କର୍ମୀ, ଶୁଭେଚ୍ଛୁ ଓ ନେତୃବୃନ୍ଦ ମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । ସନ୍ଧ୍ୟା ୬.୧୫ ମନିଟ୍ ସମୟରେ ସଂକଳ୍ପ ପଦଯାତ୍ରା ଶ୍ରୀମନ୍ଦିର ସିଂହ ଦ୍ୱାର ପାଖରେ ପହଂଚିଲା । ପୁରୀ ଜିଲ୍ଲା ପୁଲିସ ପ୍ରଶାସନ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଓ ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ, ସମସ୍ତ ବିଧାୟକ ଓ ବରିଷ୍ଠ କଂଗ୍ରେସ ନେତୃବୃନ୍ଦମାନେ ମହାପ୍ରଭୁଙ୍କୁ ଦର୍ଶନ କଲେ । ମହାପ୍ରଭୁଙ୍କ ଦର୍ଶନସାରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସ ଗଣମାଧ୍ୟମଙ୍କୁ ସୂଚନା ଦେଇ କହିଲେ ଯେ, ଆସନ୍ତା ଦିନରେ ଏକ ରାଜନୈତିକ ମହାବିପ୍ଳବ ସୃଷ୍ଟି ହେବ । ହଜାର ହଜାର କଂଗ୍ରେସ କର୍ମୀ ଏ ବିପ୍ଳବରେ ଯୋଡ଼ି ହେବେ । ଓଡ଼ିଶା ଦିନେ କଂଗ୍ରେସ ଶାସନରେ ଥିଲା । ଖୁବ୍ ଅଳ୍ପ ଦିନ ମଧ୍ୟରେ କଂଗ୍ରେସ କ୍ଷମତା ଦଖଲ କରିବ । ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥକୁ କେବଳ କଂଗ୍ରେସ ହିଁ ରକ୍ଷା କରିପାରିବ । ଓଡ଼ିଶାର କୃଷକ, ଯୁବକ, ମହିଳା, ଛାତ୍ର, ଶ୍ରମିକ ଏବଂ ଉଠା ଦୋକାନୀମାନଙ୍କ ସମସ୍ୟାକୁ ନିଶ୍ଚିତ ରୂପେ ଅଗ୍ରାଧିକାର ଦିଆଯାଇ କଂଗ୍ରେସ ଲଢ଼ିବ । ଏହି ସଂକଳ୍ପ ପଦଯାତ୍ରାରେ ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ । ପ୍ରଦେଶ କଂଗ୍ରେସ ସଭାପତି ଏହି ପଦଯାତ୍ରାର ସୁପରିଚାଳନା କରିଥିବା ସମସ୍ତ କଂଗ୍ରେସ ନେତୃବର୍ଗଙ୍କୁ ଶୁଭେଚ୍ଛା ଓ ସାଧୁବାଦ ଜଣାଇଛନ୍ତି । ପୁନଃର୍ବାର ସୁଜିତ ମହାପାତ୍ର ଏବଂ ତାଙ୍କ ସମର୍ଥକଙ୍କ ସହ କଂଗ୍ରେସ ଦଳରେ ସାମିଲ ହେଲେ ।




## କେନ୍ଦ୍ରାପଡା କଲେଜ ଇତିହାସ ବିଭାଗ ଆଲୁମିନି ମିଟ୍

କେନ୍ଦ୍ରାପଡା,(ପି.ଏନ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ପୁରାତନ ଛାତ୍ରମାନଙ୍କ ଆଲୁମିନି ମିଟ୍ ସଭାପତି କୈଳାସ ଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ନିଲୁ ମହାପାତ୍ର ଯୋଗଦେଇ କହିଲେ କଲେଜର ବିକାଶ ପାଇଁ ପୁରାତନ ଛାତ୍ରଛାତ୍ରୀମାନଙ୍କ ସହଯୋଗ ସହ ନାକ୍‌ରେ ଭଲ ଗ୍ରେଡ୍ ପାଇଁ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କଲେଜର ଅଧ୍ୟକ୍ଷ ପ୍ରଫେସର ଅଭିଜିତ ବୋଷ୍ ଅନୁଷ୍ଠାନ ଅଗ୍ରଗତି ପାଇଁ ପୁରାତନ ଛାତ୍ରଛାତ୍ରୀମାନଙ୍କ ସକରାତ୍ମକ ସହଯୋଗ କାମନା କରିଥିଲେ ।

## ବିଶ୍ୱଶାନ୍ତି ସରୋବରରେ ଆର୍ଟ ଗ୍ୟାଲେରୀ ଉଦଘାଟିତ

ଫୁଲନଖରା, (ପି.ଏନ): ଫୁଲନଖରା ନିକଟ ତଥା ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଅନନ୍ତପୁରଠାରେ ଥିବା ବିଶ୍ୱ ଶାନ୍ତି ସରୋବରରେ ଏକ ବୃହତ ଆର୍ଟ ଗ୍ୟାଲେରୀ ଶୁଭ ଉଦଘାଟନ ହୋଇଛି । ଶିବ ଜ୍ୟୋତି ଦର୍ଶନ ଓ ଆଧ୍ୟାତ୍ମିକ ଭବନ ନାମରେ ୩୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଗ୍ୟାଲେରୀକୁ ସାଂସଦ ଭର୍ତ୍ତୃହରି ମହତାବ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରକାଶ ମିଶ୍ର, ରାଜଯୋଗିନୀ କମଲେଶ ଦିଦି, ଲଣ୍ଡନରୁ ଆସିଥିବା ଡ଼.ଜୟନ୍ତୀ ଦିଦି, ଅଷ୍ଟ୍ରେଲିଆର ଯଶମିନ ଦିଦି, ଦୀପିକା ଜିନ୍ଦଲ, ବ୍ରହ୍ମାକୁମାରୀ ପ୍ରତିଭା ଓ ନଥମଲ ଭାଇ ଅତିଥିରୂପେ ମଞ୍ଚାସୀନ ହୋଇ ଏହାର ଆନୁଷ୍ଠାନିକ ଲୋକାର୍ପଣ କରିବା ସହିତ ନୂତନ ବିଶ୍ୱଶାନ୍ତି ଭବନର ଶିଳାନ୍ୟାସ କରିଥିଲେ । ବ୍ରହ୍ମାକୁମାରୀ ସୁଲୋଚନା ଦିଦି ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ



ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ଡ଼.ଅରବିନ୍ଦ ଢାଲିଙ୍କ ସମେତ ରାଜ୍ୟର ବିଭିନ୍ନ ଭାଗରୁ ବହୁ ସଂଖ୍ୟକ ବ୍ରହ୍ମାକୁମାରୀ ଭାଇ ଓ ଭଉଣୀମାନେ ଯୋଗଦେଇଥିଲେ । ବ୍ରହ୍ମାକୁମାରୀ ଅସ୍ମିତା ଓ ବ୍ରହ୍ମାକୁମାରୀ ଦେବସ୍ମିତା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅନନ୍ତପୁରର ଅନ୍ତେବାସୀ ଏଥିରେ ସହଯୋଗ କରିଥିଲେ ।

## ପଞ୍ଚାୟତର ଉନ୍ନତି ପାଇଁ ବିଡ଼ିଓଙ୍କୁ ଭେଟିଲେ ଉମାଦେଇବ୍ରହ୍ମପୁର ସମିତି ସଭ୍ୟ ଓ ସରପଞ୍ଚ

ବାଲିଅନ୍ତା,(ପି.ଏନ): ବାଲିଅନ୍ତା ବ୍ଲକ ଉମାଦେଇବ୍ରହ୍ମପୁର ପଞ୍ଚାୟତ ଅନ୍ତର୍ଗତ ଅଞ୍ଚଳର ଉନ୍ନତି ଏବଂ ବିକାଶ ପାଇଁ ନୂତନ ଭାବେ ଯୋଗ ଦେଇଥିବା ବ୍ଲକ ଉନ୍ନୟନ ଅଧିକାରୀ କସ୍ତୁରୀ ସ୍ୱାଇଁଙ୍କୁ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଛନ୍ତି ଉମାଦେଇବ୍ରହ୍ମପୁରର ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର ନେତୃତ୍ୱରେ



ସରପଞ୍ଚ ରମାଲତା ନାୟକ, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ , ପ୍ରିୟବ୍ରତ ପାତ୍ର, ସହଦେବ ସ୍ୱାଇଁ । ବିଡ଼ିଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଜଶୁଆପୁର ବିଦ୍ୟାଳୟର ନିର୍ମିତ ନୂତନ ଗୃହ ବିଲ, ପଂଚାୟତର କୌଣସି କାର୍ଯ୍ୟ ନହେବା କେବଳ ଫାଇଲ ପଡ଼ି ରହିବା ସମ୍ପର୍କରେ ଆଲୋଚ଼ନା କରିଛନ୍ତି ।

## ସଂକଳ୍ପ ଯାତ୍ରା ତୃତୀୟ ଦିନରେ ପୁରୀ ବଡ଼ଦାଣ୍ଡରେ ସମାପନା ହେଲା

ଭୁବନେଶ୍ୱର, (ପ.ଏନ) : ଆଜି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ସଂକଳ୍ପ ପଦଯାତ୍ରା ଚନ୍ଦନପୁର ଠାରୁ ଦିନ ୧୦ ଘଟିକା ସମୟରେ ଆରମ୍ଭ ହେଲା । ଏହି ପଦଯାତ୍ରାରେ ଓଡ଼ିଶା ପ୍ରଭାରୀ ଶ୍ରୀ ଅଜୟ କୁମାର ଲଲ୍ଲୁ ଏବଂ ଅଖିଳ ଭାରତ କଂଗ୍ରେସ କମିଟିର ଓଡ଼ିଶା ସହ ପ୍ରଭାରୀ ରୋଜାଲୀନି ତିର୍କୀ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ୍, ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନିପତି, ବିଧାୟକ ଅଶୋକ ଦାସ, ଦାଶରଥି ଗମାଙ୍ଗ, ମଙ୍ଗୁ ଖିଲ, ପବିତ୍ର ସାଉଂଟା, ଆପାଲା ସ୍ୱାମୀ କାଡରେକା, ସାଗର ଦାସ, ବରିଷ୍ଠ କଂଗ୍ରେସ ନେତା ଉମାବଲ୍ଲଭ ରଥ, ଦେବାଶିଷ ପଟ୍ଟନାୟକ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ଜିଲ୍ଲା ସଭାପତି ବିଶ୍ୱଜିତ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ବାଲେଶ୍ୱର ଜିଲ୍ଲା ସଭାପତି ସଂଜିବ ଗିରି, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଅଶିତ ପଟ୍ଟନାୟକ, ନଳିନୀ ମହାନ୍ତି, ଯାଜପୁର ଜିଲ୍ଲା ସଭାପତି ମନୋଜ ରାଉତ, ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ୟାସିର ନୱାଜ, ଗୋପନ ମାର୍ଥା, ସୁଦିପ ସାମଲ, ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, ପଦ୍ମାକର ଗୁରୁ, ଆଲୋକ ଦାସ, ଗୋପାଳଚନ୍ଦ୍ର ଖୁଂଟିଆ, ରାଜେଶ ମହାପାତ୍ର, ବିଷ୍ଣୁ ପ୍ରସାଦ ମିଶ୍ର, ସତ୍ୟବ୍ରତ ନାୟକ, ସନ୍ତୋଷ ନନ୍ଦ, ନଳିନ ପ୍ରଧାନ, ଗଣେଶ୍ୱର ଦାସ,ବିନୋଦ ପ୍ରଧାନ, ସ୍ମୃତିରଞ୍ଜନ ସ୍ୱାଇଁ, ଅଭିନାଶ ମିଶ୍ର, ଦାମୋଦର ପ୍ରଧାନ, ପର୍ଶୁରାମ ପ୍ରଧାନ, ଉମାପଦ ମିଶ୍ର, ରାମଚନ୍ଦ୍ର ସାହୁ, ପ୍ରତାପ ନାୟକ, ପୟା ଜେନା, ଗଙ୍ଗାଧର ପ୍ରଧାନ, ପ୍ରବିର ପ୍ରଧାନ, କେତନ ମିଶ୍ର, ଲଲାଟେନ୍ଦୁ ଦାସ, ଅମରେନ୍ଦ୍ର ପାଇକରାୟ, ସୁଦିପ ମହାପାତ୍ର, ଛବିନ୍ଦ୍ର ପଡ଼ିଆରୀ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନପତି, ପ୍ରାଚୀ ରାଉତରାୟ, ନିଶିକାନ୍ତ ମିଶ୍ର, ସସ୍ମିତା ବେହେରା, ଜୟଶ୍ରୀ ପାତ୍ର, ସୋନାଲି ସାହୁ, ଶ୍ରୀୟାସ୍ମିତା ପଣ୍ଡା, ଶ୍ରୀୟା ମହାନ୍ତି, ଯବାମଣି ଟୁଡୁ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ । ସଂକଳ୍ପ ପଦଯାତ୍ରା ଦିନ ୨.୩୦ ମିନିଟ୍ ସମୟରେ ଅଠରନଳା ପାଖରେ ପହଂଚିଲା । ସେଠାରେ ଥିବା ଶ୍ରୀ ହରି ଭିଲାରେ ପଦଯାତ୍ରୀମାନେ ମଧ୍ୟାହ୍ନ ଭୋଜନ କରିବା ସହିତ ବିଶ୍ରାମ ନେଲେ । ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା ଦିନ ୪.୧୫ ମିନିଟ ସମୟରେ ଆରମ୍ଭ ହେଲା । ହଜାର ହଜାର ପୁରୀ ଜିଲ୍ଲାରେ କଂଗ୍ରେସ କର୍ମୀ, ଶୁଭେଚ୍ଛୁ ଓ ନେତୃବୃନ୍ଦ ମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । ସନ୍ଧ୍ୟା ୬.୧୫ ମନିଟ୍ ସମୟରେ ସଂକଳ୍ପ ପଦଯାତ୍ରା ଶ୍ରୀମନ୍ଦିର ସିଂହ ଦ୍ୱାର ପାଖରେ ପହଂଚିଲା । ପୁରୀ ଜିଲ୍ଲା ପୁଲିସ ପ୍ରଶାସନ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଓ ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ, ସମସ୍ତ ବିଧାୟକ ଓ ବରିଷ୍ଠ କଂଗ୍ରେସ ନେତୃବୃନ୍ଦମାନେ ମହାପ୍ରଭୁଙ୍କୁ ଦର୍ଶନ କଲେ । ମହାପ୍ରଭୁଙ୍କ ଦର୍ଶନସାରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସ ଗଣମାଧ୍ୟମଙ୍କୁ ସୂଚନା ଦେଇ କହିଲେ ଯେ, ଆସନ୍ତା ଦିନରେ ଏକ ରାଜନୈତିକ ମହାବିପ୍ଳବ ସୃଷ୍ଟି ହେବ । ହଜାର ହଜାର କଂଗ୍ରେସ କର୍ମୀ ଏ ବିପ୍ଳବରେ ଯୋଡ଼ି ହେବେ । ଓଡ଼ିଶା ଦିନେ କଂଗ୍ରେସ ଶାସନରେ ଥିଲା । ଖୁବ୍ ଅଳ୍ପ ଦିନ ମଧ୍ୟରେ କଂଗ୍ରେସ କ୍ଷମତା ଦଖଲ କରିବ । ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥକୁ କେବଳ କଂଗ୍ରେସ ହିଁ ରକ୍ଷା କରିପାରିବ । ଓଡ଼ିଶାର କୃଷକ, ଯୁବକ, ମହିଳା, ଛାତ୍ର, ଶ୍ରମିକ ଏବଂ ଉଠା ଦୋକାନୀମାନଙ୍କ ସମସ୍ୟାକୁ ନିଶ୍ଚିତ ରୂପେ ଅଗ୍ରାଧିକାର ଦିଆଯାଇ କଂଗ୍ରେସ ଲଢ଼ିବ । ଏହି ସଂକଳ୍ପ ପଦଯାତ୍ରାରେ ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ । ପ୍ରଦେଶ କଂଗ୍ରେସ ସଭାପତି ଏହି ପଦଯାତ୍ରାର ସୁପରିଚାଳନା କରିଥିବା ସମସ୍ତ କଂଗ୍ରେସ ନେତୃବର୍ଗଙ୍କୁ ଶୁଭେଚ୍ଛା ଓ ସାଧୁବାଦ ଜଣାଇଛନ୍ତି । ପୁନଃର୍ବାର ସୁଜିତ ମହାପାତ୍ର ଏବଂ ତାଙ୍କ ସମର୍ଥକଙ୍କ ସହ କଂଗ୍ରେସ ଦଳରେ ସାମିଲ ହେଲେ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray